## ସାପ କାମୁଡ଼ାରେ ବାଳକଙ୍କ ମୃତ୍ୟୁ

ଠାକୁରମୁଣ୍ଡା,(ତାରକାନ୍ତ ପଟ୍ଟନାୟକ)- ମହୁଲଡ଼ିହା ଥାନା ଭାଲିଆଡାଳ ପଞ୍ଚାୟତ ଅନ୍ତର୍ଗତ ଜମୁବଣୀ ଗ୍ରାମରେ ସାପ କାମୁଡ଼ାରେ ଜଣେ ବାଳକଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ଜୟରାମ ଚାତାରଙ୍କ ପୁଅ ମଙ୍ଗଲ(୯)। ମଙ୍ଗଳବାର ରାତିରେ ସେ ବାପାଙ୍କ ସହିତ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡ଼ି ଦେଇଥିବା ପରିବାର ଲୋକେ କହୁଛନ୍ତି। ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

# ୩ ଚାଷୀ ହରାଇଲେ ୧ ଲକ୍ଷ ୯୪ ହଜାର

### କ୍ଷୁଦ୍ର ଶୀତଳଭଣ୍ଡାର ନାଁରେ ଠକେଇ

ପାଟଣା,୧୯।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ୩ ଚାଷୀ କ୍ଷୁଦ୍ର ଶୀତଳ ଭଣ୍ଡାର ନାଁରେ ଠକେଇର ଶିକାର ହୋଇଛନ୍ତି। ଦୁର୍ବୃତ୍ତ ସେମାନଙ୍କଠାରୁ ୧ ଲକ୍ଷ ୯୪ ହଜାର ୯୯୮ ଟଙ୍କା ଠକି ନେଇଛନ୍ତି। ଏ ନେଇ ଚାଷୀମାନେ ପାଟଣା ଥାନରେ ଅଭିଯୋଗ କରିଛନ୍ତି। ମାମଲା କେନ୍ଦୁଝର ସାଇବର ଥାନାକୁ ହସ୍ତାନ୍ତର କରାଯାଇଥିବା ପାଟଣା ଏସ୍‌ଆଇ ମନୋରମା ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ଜୁନ ୨୮ରେ ଜଣେ ବ୍ୟକ୍ତି ମେସେଜ ଜରିଆରେ ୨ ଲକ୍ଷ ୫ଲକ୍ଷ ଓ ୮ ଲକ୍ଷ ଟଙ୍କା ବ୍ୟୟରେ ସବ୍‌ସିଡି ଯୋଗେ ମିନି କୋଲଷ୍ଟୋର କରାଉଥିବାର ଉକ୍ତ ଚାଷୀଙ୍କୁ ସୂଚନା ଦେଇଥିଲେ। ମିରିଖୋଜି ପଞ୍ଚାୟତ କଟାବେଡ଼ାର ଚାଷୀ ଦୁର୍ଗାଚରଣ ମହାନ୍ତ, ଏରେଣ୍ଡେଇ ପଞ୍ଚାୟତ ବେଗେନା ଖମଣ ଗ୍ରାମର ଦେବାନନ୍ଦ ମହାନ୍ତ ଓ ବଡ଼ପାଟଣା ପଞ୍ଚାୟତ ମାଧପୁର ଗ୍ରାମର ଘନଶ୍ୟାମ ମହାନ୍ତ ଶୀତଳଭଣ୍ଡାର କରିବା ପାଇଁ ଯଥା କ୍ରମେ ୨୯ ହଜାର ୯୯୮, ୧ ଲକ୍ଷ ୫ ହଜାର, ଓ ୬୦ ହଜାର ଟଙ୍କା ଫୋନ୍ ପେ ମାଧ୍ୟମରେ ଦୁର୍ବୃତ୍ତଙ୍କ ନିକଟକୁ ପଠାଇଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କୁ ଫୋନ କଲେ ତୁମେ ଯାହା କରିବା କଥା କର କହି ଧମକ ଦେଉଥିବା ଦୁର୍ଗାଚରଣ କହିଛନ୍ତି। ପାଟଣା ଥାନାରେ ମାମଲା(ନଂ.୧୨୩/୨୩) ରୁଜୁ ହୋଇଛି। କେନ୍ଦୁଝର ସାଇବର ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ଘଟଣାର ତଦନ୍ତ କରୁଛନ୍ତି। ଦୁର୍ବୃତ୍ତଙ୍କ ମୋବାଇଲ ରିଙ୍ଗ୍ ହେଉଥିବାରୁ ତାକୁ ଖୁବ୍‌ଶୀଘ୍ର ଟ୍ରେସ୍ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଗୋରୁ ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

ଜଳେଶ୍ୱର, ୧୯।୭(ରବିନାରାୟଣ ପାତ୍ର)-ବୁଧବାର ଭୋର ସମୟରେ ଏକ ପିକ୍‌ଅପ୍ (ନଂ.ଓଡି୦୧ଏକେ-୯୧୬୧)ରେ ଗୋରୁ ଚାଲାଣ ହେଉଥିବା ବେଳେ ଗାଡିର ଏକ୍ସେଲ ଭାଙ୍ଗିଯିବାରୁ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ବାଇପାସ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଏଜେଣ୍ଟମାନଙ୍କ ସହାୟତାରେ ଏକ ବୋଲେର ସହାୟତାରେ ଏହାକୁ ଟାଣି ଉପାନ୍ତ ଟୋଲପ୍ଲାଜା ପାର୍ କରିବାକୁ ଚେଷ୍ଟା କରାଯାଉଥିବା ବେଳେ କେତେକ ଲୋକ ଏହାକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଅନ୍ୟ ଏକ ଗାଡି (ନଂ.ଓଡି୦୧ଏଆର୍‌୧୭୨୯) ଦ୍ୱାରା ୧୦ଟି ଗୋରୁଙ୍କୁ ଉଦ୍ଧାର କରି ବାଲେଶ୍ୱର ଗୋଶାଳାକୁ ପଠାଇଛି।

### ଜଳିଗଲା ଦୋକାନ ଦମକଳ ବିଳମ୍ବରେ ପହଞ୍ଚି ହଟହଟା

ବାଲିଆପାଳ,୧୯।୭(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ସିମୁଳିଆ ବଜାରରେ ଥିବା ମନୋରଞ୍ଜନ ଦାସଙ୍କ ଦୋକାନରେ ବୁଧବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀର କାର୍ଯ୍ୟାଳୟଠାରୁ ୫ଶହ ମିଟର ଦୂରରେ ଘଟଣା ଘଟିଥିଲେ ମଧ ଅଗ୍ନିଶମ ବାହିନୀ ବିଳମ୍ବରେ ପହଞ୍ଚି ହଟହଟାର ଶିକାର ହୋଇଥିଲେ। ଦମକଳ ଗାଡ଼ିରେ ଟେକ୍ନିକାଲ ସମସ୍ୟାରୁ ୧ ଘଣ୍ଟା ବିଳମ୍ବରେ ପହଞ୍ଚିବାକୁ ପଡିଥିଲା ବୋଲି କହିବାରୁ ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଅକ୍ରୋଶର ଶିକାର ହେବାକୁ ପଡ଼ିଥିଲା।

# ବିଡିଓଙ୍କୁ ନିବେଦନ କଲେ ଗ୍ରାମବାସୀ

### ଗାଁକୁ ସ୍ଥାୟୀ ପକ୍କା ରାସ୍ତା ନାହିଁ

ଧାମନଗର,୧୯।୭(ଦେବେନ୍ଦ୍ର ଆଢ଼ିଆ)


ଜେନା ସାହି ରାସ୍ତା।

ଗ୍ରାମାଞ୍ଚଳର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନାରେ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି। ବିଭିନ୍ନ ଗଳି, ସାହିରେ ପକ୍କା ରାସ୍ତା ନିର୍ମାଣ ହେଉଛି। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବ, ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତ ୧୭ ନଂ. ୱାର୍ଡ ଜେନା ସାହିକୁ ସ୍ଥାୟୀ ପକ୍କା ରାସ୍ତା ହୋଇପାରିନି। ଏନେଇ ସୋମବାର ସାହିବାସିନ୍ଦା ବିଡିଓଙ୍କୁ ଭେଟି ଗୁହାରୀ କରିଥିଲେ।
 ସୂଚନା ଅନୁଯାୟୀ, ଧାମନଗର ବ୍ଲକ୍‌ର ସୋହଡ଼ା ପଞ୍ଚାୟତର ୧୭ ନଂ. ୱାର୍ଡ ଜେନା ସାହିରେ ୩୦ ଦଳିତ ପରିବାର ବସବାସ କରୁଛନ୍ତି। ସାହିକୁ ସ୍ଥାୟୀ ପକ୍କା ରାସ୍ତା ନ ଥିବାରୁ ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। ଏ ନେଇ ସ୍ଥାନୀୟ ଲୋକମାନେ ଧାମନଗର ବିଡିଓ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଭେଟି ଦାବି ଜଣାଇଥିଲେ। ଏନେଇ ମଙ୍ଗଳବାର ଧାମନଗର ପଞ୍ଚାୟତ ସମିତ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ କୁମାର ନାୟକ, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ନିର୍ଦ୍ଦେଶକ ଦଶରଥ ଜେନା ଉକ୍ତ ଗ୍ରାମକୁ ଯାଇ ରାସ୍ତା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସାହିକୁ ଯାଇଥିବା ରାସ୍ତାଟି ସ୍ଥାନୀୟ ଲୋକଙ୍କ ନିଜସ୍ୱ ଜାଗାରେ ରହିଛି। ତେଣୁ ଢଳେଇ ପାଇଁ ସମସ୍ୟା ରହିଛି। ସମସ୍ୟାର ସମାଧାନ ହୋଇଗଲେ ସ୍ଥାୟୀ ରାସ୍ତା ନିର୍ମାଣ ହେବ ବୋଲି କହିଥିଲେ। ପୂର୍ବତନ ଅଧ୍ୟକ୍ଷଙ୍କ ସମେତ ଧାମନଗର ନଗର ସଭାପତି ଶୁସାନ୍ତ ରାଉତ, ପୂର୍ବତନ ଜିଲାପରିଷଦ ସଭ୍ୟ ନିରାକାର ତରାଇ, ସରପଞ୍ଚ ପ୍ରତିନିଧି ସତ୍ୟପ୍ରକାଶ ନାୟକ, ଜ୍ୟୋତି ପ୍ରକାଶ ସାମଲ, ଭବାନୀ ଶଙ୍କର ସାମଲ, ରାଜେନ୍ଦ୍ର ଦାସ, ପ୍ରଫୁଲ୍ଲ ଜେନା, ୱାର୍ଡ ସଭ୍ୟା ଝରଣା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୨୫ ଗୋରୁ ଉଦ୍ଧାର, ଗାଡ଼ି ଜବତ

ଆନନ୍ଦପୁର,୧୯।୭(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ଆନନ୍ଦପୁର ବ୍ୟାରେଜ ନିକଟ କୁମୁଣିଆଠାରେ ଗୋ ଚାଲାଣ ବେଳେ ଗାଡ଼ିକୁ ବଜରଙ୍ଗ ଦଳର କର୍ମୀମାନେ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ। ଗାଡ଼ିର ଚାଳକ ଓ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହା ସହିତ ଗାଡ଼ିକୁ ସୁରକ୍ଷା ଦେଇ ଆସୁଥିବା ଏକ ବୋଲେରୋ ମଧ୍ୟ ଫେରାର ହୋଇଯାଇଥିଲା। ବେଆଇନ ଓ ଦୟନୀୟ ଅବସ୍ଥାରେ ଗୋ ଚାଲାଣ ହେଉଥିବା ଡବ୍ଲ୍ୟୁବି-୨୯-୫୨୧୭ ନଂ. ବିଶିଷ୍ଟ ଗାଡ଼ିରେ ୨୫ ଗୋଟି ଗୋରୁ ଥିବାବେଳେ ଶ୍ୱାସରୁଦ୍ଧ ହୋଇ ୩ ଗୋରୁ ମୃତ୍ୟୁବରଣ କରିଥିଲେ। ଉଦ୍ଧାର ଗୋରୁ ଖାଦ୍ୟ ଦିଆଯିବା ସହିତ ପଶୁ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପୋଲିସ ଗାଡ଼ିକୁ ଜବତ କରିଛି। ସମସ୍ତ ଗୋରୁ ଖାଡ଼େଶ୍ୱର ମନ୍ଦିର ନିକଟରେ ଆବଶ୍ୟକ ଯତ୍ନରେ ରଖାଯାଇଛି। ଗୁରୁବାର ଚୌଦ୍ୱାରସ୍ଥିତ ଗୋଶାଳାକୁ ପଠାଯିବ ବୋଲି ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ସୂଚନା ଦେଇଛନ୍ତି।

# ୫ ବନ୍ଧୁକ ଜବତ, ୨ ଗିରଫ


ଜବତ ବନ୍ଧୁକ ଓ ଗିରଫ ଅଭିଯୁକ୍ତ।

### ଶିମିଳିପାଳରେ ସର୍ଚ୍ଚ ଅପରେଶନ

ବାରିପଦା,୧୯।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେଶନରେ ମୟୂରଭଞ୍ଜ ପୋଲିସକୁ ଗୋଟିଏ ପରେ ଗୋଟିଏ ସଫଳତା ମିଳିଚାଲିଛି। ବୁଧବାର ୫ଟି ଦେଶୀ ବନ୍ଧୁକ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏ ନେଇ ବୁଧବାର ବାରିପଦାସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ବି.ଗଙ୍ଗାଧର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ଜଏଣ୍ଟ ଟାସ୍କ ଫୋର୍ସ ମାଧ୍ୟମରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ୩ ପ୍ଲାଟୁନ ଫୋର୍ସ ମୃତୟନ କରାଯାଇ କୋମ୍ବିଂ ଅପରେସନ ଜାରି ରହିଥିବା ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଶିକାରୀମାନେ ରଖିଥିବା ବନ୍ଧୁକକୁ ଜବତ କରିବା ନିମନ୍ତେ ଜିଲା ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଖୁଣ୍ଟା ଥାନା ଅଧୀନ କୁଆମରା, ସାଇଁକୁଳା ଓ ହାଟନୂଆଗାଁଠାରେ ୧୮ତାରିଖରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସାଇଁକୁଳା ଗ୍ରାମର ୨ ଶିକାରୀ ଶାନ୍ତନୁ ସାହୁ(୫୨) ଓ ଅଶ୍ୱିନୀ କୁମାର ଦେ(୫୦)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ୩ଟି ଏୟାର ଗନ୍, ୨ଲକ୍ଷ ୯୫ହଜାର ଟଙ୍କା ଓ ୨ଟି ମୋବାଇଲ ଜବତ ହୋଇଛି। ଏ ସଂକ୍ରାନ୍ତରେ ଖୁଣ୍ଟା ଥାନାରେ ଏକ ମାମଲା (ନଂ.୧୯୫/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଉଦଳା ଏସ୍‌ଡିପିଓ ସାର୍ଥକ ରାୟ ଓ ଖୁଣ୍ଟା ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ସ୍ତ୍ରୀ, ଶିଶୁକନ୍ୟାଙ୍କୁ ଅପହରଣ

### ଶ୍ୱଶୁର ଘରେ ସ୍ୱାଇଁର ଗୁଣ୍ଡାଗିରି

### ଥାନାର ଦ୍ୱାରସ୍ଥ ହେଲେ ପରିବାର ଲୋକେ

ରୂପସା, ୧୯।୭(ବାଞ୍ଛାନିଧି ଦେ)

ଶ୍ୱଶୁର ଘରେ ବନ୍ଧୁକ ଦେଖାଇ ସ୍ୱାଇଁ ନିଜ ସ୍ତ୍ରୀ ଏବଂ ୮ ମାସର ଶିଶୁକନ୍ୟାଙ୍କୁ ଅପହରଣ କରିନେବା ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଆଲୁମେଦା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଝିଅ ଏବଂ ନାତୁଣୀଙ୍କୁ ଉଦ୍ଧାର ପାଇଁ ମହିଳାଙ୍କ ବାପଘର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।
 ଆଲୁମେଦା ଗ୍ରାମର ବ୍ରଜମୋହନ ମହାନ୍ତିଙ୍କ ଝିଅ ସୌମ୍ୟା ସୂଚୟତାଙ୍କ ସହ ରାଇପୁର ଗ୍ରାମର ଦେବେନ୍ଦ୍ର ସାହୁଙ୍କର ୮ ବର୍ଷ ପୂର୍ବରୁ ବିବାହ ହୋଇଥିଲା। ଦେବେନ୍ଦ୍ର ବିବାହ ପରଠାରୁ ସ୍ତ୍ରୀ ସୌମ୍ୟାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ବିଭିନ୍ନ ସମୟରେ ଗ୍ରାମବାସୀ ଓ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ବୈଠକ ବସି ଆପୋଷ ସମାଧାନ ହୋଇଥିଲା। ଗତବର୍ଷ ଦେବେନ୍ଦ୍ର ନିଶାଗ୍ରସ୍ତ ଅବସ୍ଥାରେ ସ୍ତ୍ରୀ ସୌମ୍ୟାଙ୍କୁ ମାରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ସୌମ୍ୟାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଭୟରେ ଶିଶୁକନ୍ୟାଙ୍କୁ ନେଇ ବାପଘରେ ଆଶ୍ରୟ ନେଇଥିଲେ। ଗତ୧୭ ତାରିଖ ବିଳମ୍ବିତ ରାତିରେ ସ୍ୱାମୀ ଦେବେନ୍ଦ୍ର ୧୫ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କୁ ନେଇ ଶ୍ୱଶୁର ଘରେ ପହଞ୍ଚିଥିଲେ। ବନ୍ଧୁକ ଦେଖାଇ ଭୁଜାଲି, ଖଣ୍ଡା, ଛୁରୀ ଆଦି ମାରଣାସ୍ତ୍ରରେ ଶ୍ୱଶୁର, ଶାଶୁ ଏବଂ ଶଳାଙ୍କୁ ମାରଣାନ୍ତକ ଆକ୍ରମଣ କରି ଭୟଭୀତ କରାଇଥିଲେ। ଏହାପରେ କବାଟ ଭାଙ୍ଗି ଜେବରଦସ୍ତ ସ୍ତ୍ରୀ ସୌମ୍ୟା ଏବଂ ୮ ମାସର ଶିଶୁକନ୍ୟାଙ୍କୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ସଙ୍ଗେ ସଙ୍ଗେ ସିଂଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ଏଯାବତ୍ ଅପହୃତା କି ଅଭିଯୁକ୍ତମାନଙ୍କର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି। ମା', ଝିଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ସହ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସିଂଲା ଥାନା ଦାୟିତ୍ୱରେ ଥିବା ବାଲିଆପାଳ ଥାନା ଆଇଆଇସିଙ୍କୁ ବୁଧବାର ଭେଟି ସୌମ୍ୟାଙ୍କ ମା', ବାପା ଓ ଭାଇ ନିବେଦନ କରିଛନ୍ତି। ଏ ନେଇ ସିଂଲା ଥାନାରେ ଏକ ମାମଲା (ନଂ.୧୩୧/୨୩) ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଏମ୍‌ଏସ୍‌ପି କାରଖାନା ପକ୍ଷରୁ ଚାରାରୋପଣ


ଏମ୍‌ଏସ୍‌ପି କର୍ମଚାରୀ ଓ ସ୍ଥାନୀୟ ଲୋକେ।

କେନ୍ଦୁଝର,୧୯।୭(ନରେଶ ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଗୋବର୍ଦ୍ଧନ ପଞ୍ଚାୟତର ବଣୁଆ ଗ୍ରାମରେ ଥିବା ଏମ୍‌ଏସ୍‌ପି ସ୍ପଞ୍ଜ ଆଇରନ ଲିମିଟେଡ ତରଫରୁ ବୁଧବାର ଚାରାରୋପଣ କରାଯାଇଛି। ଏହି ଅବସରରେ ଯୋଗେଶ୍ୱର ମନ୍ଦିର ପାଖ ପଡ଼ିଆଠାରେ ପାଖାପାଖି ଏକ ହଜାର ଚାରା ରୋପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ, ଅନ୍ୟତମ ଅତିଥିଭାବେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଦେବବ୍ରତ ସ୍ୱାଇଁ, ସିଜିଏମ ସଞ୍ଜୟ ସାହୁ, ଉପସଭାପତି ବସନ୍ତ ସାହୁ, ମାନବସମ୍ବଳ ଅଧିକାରୀ ରଞ୍ଜନ କୁମାର ଜେନା, ଚିଫ୍ ଆକାଉଣ୍ଟ ଅଫିସର ବିଶ୍ୱ ରଞ୍ଜନ ନନ୍ଦ, ସିନିୟର ଜିଏମ ସୁନୀଲ ମିଶ୍ର, ସ୍ଥାନୀୟ ସରପଞ୍ଚ ସଞ୍ଜୟ ମୁଣ୍ଡା, ସମିତି ସଭ୍ୟା ଶାନ୍ତିଲତା ମହାନ୍ତ, ମିଶନ ଶକ୍ତି ମହିଳା, ୱାର୍ଡ ମେମ୍ବର, ଗାୟତ୍ରୀ ପରିବାରର ସଦସ୍ୟ, ଗ୍ରାମବାସୀ, ପଳାଶପଙ୍ଗା ବିଟ୍‌ର ବନ କର୍ମଚାରୀ ଉପସ୍ଥିତ ରହି ଚାରାରୋପଣ କରିଥିବା କମ୍ପାନୀ ପକ୍ଷରୁ ବେଣୁଧର ମହାନ୍ତ ସୂଚନା ଦେଇଛନ୍ତି ।

# ଫ୍ଲାଏଓଭର ସମ୍ପୂର୍ଣ୍ଣ ନ ହେଉଣୁ ସର୍ଭିସ୍ ରୋଡ୍ କବ୍‌ଜାରେ

ଯୋଡ଼ା,୧୯।୭(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ସହରଠାରେ ନିର୍ମାଣାଧୀନ ଓଡ଼ିଶାର ଦୀର୍ଘଗାମୀ ସେତୁ ସମ୍ପୂର୍ଣ୍ଣ ନହେଉଣୁ ସର୍ଭିସ ରୋଡ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବ୍ୟବସାୟୀ ଜବରଦଖଲ କଲେଣି। ଦୀର୍ଘ ୩ କିଲୋମିଟର ବ୍ୟାପ୍ତ ଏହି ଫ୍ଲାଏଓଭରର ଗୋଟିଏ ପାର୍ଶ୍ୱର ଆଂଶିକ ସର୍ଭିସ ରୋଡ ନିର୍ମାଣ ହୋଇଥିବା ବେଳେ କମାରଯୋଡ଼ାଠାରୁ ସେଣ୍ଟ ଟେରେସା ସ୍କୁଲ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଥିବା ଲୁହାରଡ଼, ସିମେଣ୍ଟ, ଲୁହାଚାଦର, ଚା' ପାନ ଦୋକାନ, ପ୍ଲାଷ୍ଟିକ ସାମଗ୍ରୀ ଦୋକାନ, ଠେଲା ଗାଡ଼ି ବ୍ୟବସାୟୀ, ମୋଟର ପାର୍ଟ୍ସ ଦୋକାନୀ, ତେଜରାତି ଦୋକାନ, ରାସ୍ତା ଉପରେ ଅତିକ୍ରମଣ କରି ବ୍ୟବସାୟ ଆରମ୍ଭ କରିଦେଇଛନ୍ତି। ଫଳରେ ସେଣ୍ଟ ଟେରେସା ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ସମେତ କମାରଯୋଡା ଡାକ୍ତରଖାନାକୁ ଯାଉଥିବା ରୋଗୀ, ଆମ୍ବୁଲାନ୍ସ, ଯୋଡା ଆସୁଥିବା ଜୁରୁଡି-ବାମେବାରୀର ଜନସାଧାରଣ ଟ୍ରାଫିକ ସମସ୍ୟା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।
ପ୍ରକାଶ ଯେ, ସହର ମଧ୍ୟରେ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଦୁଇପାର୍ଶ୍ୱର ସର୍ଭିସ ରୋଡ୍‌ରୁ ଆଂଶିକ ଭାବରେ ଗୋଟିଏ ପାର୍ଶ୍ୱରୁ ରାସ୍ତା କଂକ୍ରିଟ ହୋଇ ଯାତାୟାତ ପାଇଁ ବ୍ୟବହାର ହେଉଛି । ଏହାକୁ ମଧ ଅତିକ୍ରମଣ କଲେ ଏବଂ ବେପରୁଆ ଭାବେ ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କବଜା କଲେ କିପରି ସହରର ଟ୍ରାଫିକ ଚାଲିବ ବୋଲି ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କ୍ଷୋଭ ପ୍ରକାଶ କରିଛନ୍ତି। ଅତିକ୍ରମଣ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଟ୍ରାଫିକ ଜାମରେ ଅଟକିଥିବା ବାମେବାରୀ ଅଞ୍ଚଳର ମହିଳା ସୋମବାରୀ ହାଁସଦ, ଜୁରୁଡି ଅଞ୍ଚଳର ରାଘବ ବାରିକ, ଶୈଳ ପାତ୍ର ପ୍ରମୁଖ କହିଛନ୍ତି, ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ଜୁରୁଡ଼ି-ବାମେବାରୀ ଅଞ୍ଚଳରୁ ଯୋଡ଼ା ସହରକୁ ଆସିବା ଦୁସାଧ ହୋଇପଡ଼ିଲାଣି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଯୋଡ଼ା ପରିବର୍ତ୍ତେ ଏଣିକି ୧୫ ରୁ ୨୦ କିମି ଅଧିକ ବାଟ ଯାଇ ଝୁମ୍ପୁରା ବଜାର ଉପରେ ନିର୍ଭର କରିବାକୁ ପଡୁଛି। ଏ ସମ୍ପର୍କରେ ଯୋଡ଼ା ପୌରପାଳିକା ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବଡ଼ବିଲ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କହିଛନ୍ତି, ପୋଲିସ ଏବଂ ପୌରପାଳିକା ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଟିମ କରାଯାଇ ସର୍ଭିସ ରୋଡ୍‌ରୁ ଜବରଦଖଲ ଉଚ୍ଛେଦ କରାଯିବ। ବ୍ୟବସାୟ ପ୍ରତିଷ୍ଠାନ ଗାଡି ଓ ସାମଗ୍ରୀ ରଖି ଅବରୋଧକଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଜବତ ମୃତଦେହର ପରିଚୟ ମିଳିଲା

ଢେଙ୍କିକୋଟ,୧୯।୭(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ବାଇପାସ ରାସ୍ତା ମୁସଳନଦୀ ପୋଲଠାରୁ ଉଲଗ୍ନ ଅବସ୍ଥାରେ ମଙ୍ଗଳବାର ଯୁବତୀଙ୍କ ମୃତଦେହ ମିଳିଥିଲା। ବୁଧବାର ଯୁବତୀଙ୍କ ପରିଚୟ ମିଳିଛି। ଯୁବତୀ ହେଲେ ଘସିପୁରା ଥାନା ଅନ୍ତର୍ଗତ ମୁରାବାଲି ଗ୍ରାମର ରଶ୍ମିତା ମୁଖି (୧୭)। ଏନେଇ ହରିଚନ୍ଦନପୁର ଥାନା ଆଇଆଇସି ପ୍ରୋଫୁଲ୍ଲ ବାର୍ଲା ସୂଚନର ଦେଇଛନ୍ତି।

# ବାଲିମୁଣ୍ଡା ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ

ଭଦ୍ରକ,୧୯।୭(ସନାତନ ରାଉତ)

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଦ୍ୱାରା ନିର୍ମିତ ୨୨୦/୧୩୨/୩୩ କେଭି ବାଲିମୁଣ୍ଡା ଗ୍ରୀଡ୍ ସବ୍‌ଷ୍ଟେଶନକୁ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଲୋକାର୍ପଣ କରିଛନ୍ତି। ବାଲିମୁଣ୍ଡା ଗ୍ରୀଡ୍ ନିକଟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଯୋଜନାବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଓପିଟିସିଏଲ୍‌ର ନିର୍ଦ୍ଦେଶକ ଜୟରାମ ସାହୁ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗ୍ରୀଡ୍ ସ୍ଥାପନ ପାଇଁ ସ୍ୱର୍ଗତ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଅବଦାନକୁ ସ୍ମରଣ କରିବା ସହିତ ସ୍ଥାନୀୟ ଲୋକଙ୍କର ବହୁଦିନର ଦାବିକୁ ମୁଖ୍ୟମନ୍ତ୍ରୀ ପୂରଣ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ଓପିଟିସିଏଲ୍ ଜେନେରାଲ ମ୍ୟାନେଜର ସୁବ୍ରତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।
 ସୂଚନାଯୋଗ୍ୟ ଏହି ପ୍ରୋଜେକ୍ଟର ବ୍ୟୟ ଅଟକଳ ୮୯.୫୮ କୋଟି ଅଟେ। ବାସୁଦେବପୁର, ଧାମରା ତଥା ଏହାର ଆଖ ପାଖ ଅଞ୍ଚଳରେ ଲୋ-ଭୋଲଟେଜ୍ ଜନିତ ସମସ୍ୟାର ନିରାକରଣ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ସହିତ ୧୩୨/୩୩ କେଭି ଚାନ୍ଦବାଲି ଗ୍ରୀଡ୍‌କୁ ଧାମରା ଗ୍ରୀଡ୍ ସହ ସଂଯୋଗୀକରଣ ଏବଂ ଧାମରା ଅଞ୍ଚଳରେ ଶିଳ୍ପାୟନ ତଥା ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକୁ ଶକ୍ତି ଯୋଗାଣ ଲକ୍ଷ୍ୟ ରହିଛି। ଏଥିରେ ଅଟୋ ଟ୍ରାନ୍ସଫର୍ମର ୩୨୦ ଏମ୍‌ଭିଏ, ପାୱାର ଟ୍ରାନ୍ସଫର୍ମର ୮୦ ଏମ୍‌ଭିଏ ୨୨୦ କେଭି ଫିଡର ୫ଟି, ୧୩୨ କେଭି ଫିଡର ୭ଟି, ୩୩ କେଭି ଫିଡର ୮ଟି ଅଛି। ଅନ୍ୟତମ ଜେନେରାଲ ମ୍ୟାନେଜର ଶଶାଙ୍କ କୁମାର ବେହେରା, ଡିଜିଏମ୍ ପ୍ରଶାନ୍ତ କୁମାର ସ୍ୱାଇଁ, ଏସ୍‌ଡିଓ ସୁବ୍ରତ କୁମାର ମହାନ୍ତି ଏବଂ ଟିପିଏନ୍‌ଓଡ଼ିଏଲ୍‌ର ଏସ୍‌ସି ଶ୍ରୀକାନ୍ତ କୁମାର ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥିମାନେ।

# ସରି ଆସୁଛି ନିର୍ମାଣ, ବଢ଼ିଚାଲିଛି ଦୁର୍ଦ୍ଦଶା

### ମହତୀପୁର ଛକରେ ଡ୍ରେନ୍ କାମ

ଖଇରା, ୧୯।୭(ଉତ୍କଳବନ୍ଧୁ ପଣ୍ଡା)


ମହତୀପୁରଠାରେ ଚାଲିଥିବା ଡ୍ରେନ କାମ।

ବାଲେଶ୍ୱର ଜିଲା ଅନ୍ତର୍ଗତ ସୋର-କୁପାରୀ ରାସ୍ତାର ମହତୀପୁର ଛକ ନିକଟରେ ଚାଲିଥିବା ଡ୍ରେନ ନିର୍ମାଣ କାର୍ଯ୍ୟ ବେପରୁଆ ଭାବେ ଚାଲୁଥିବା ନେଇ ଆରମ୍ଭରୁ ଅଭିଯୋଗ ହୋଇଆସୁଛି । ଯେତିକି ଯେତିକି କାର୍ଯ୍ୟ ଶେଷ ହେଉଛି ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଓ ଅସନ୍ତୋଷ ବଢି ଚାଲିଛି । ଠିକ୍ ଢଙ୍ଗରେ କାର୍ଯ୍ୟ ହୋଇ ନ ଥିବାରୁ ଜଳ ନିଷ୍କାସନ ହେବା ପରିବର୍ତ୍ତେ ଗୋଟିଏ ସ୍ଥାନରେ ଜମି ରହି କୃତ୍ରିମ ବନ୍ୟାର ଭୟ ସୃଷ୍ଟି କରୁଛି । ୨ ପାର୍ଶ୍ୱ ପୋତା ଯାଇ ନ ଥିବାରୁ ଚାଷୀମାନେ ନିଜ ଚାଷ ଜମିକୁ ଯାଇ ପାରୁ ନାହାନ୍ତି। କାମ ସରି ନ ଥିବା ବେଳେ ରାସ୍ତାର ବହୁ ସ୍ଥାନରେ ଫାଟ ଦେଖାଗଲାଣି । ପୂର୍ତ୍ତ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସମୂହ ଗ୍ରାମବାସୀ ସୋର-କୁପାରୀ ରାସ୍ତାକୁ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ।
 ଉକ୍ତ ଡ୍ରେନର ପୁନରୁଦ୍ଧାର ପାଇଁ ପାଖାପାଖି ୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ୨୦୨୨ ଏପ୍ରିଲ ୧୭ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ଠିକାଦାର ଏପ୍ରିଲରେ କାର୍ଯ୍ୟ କରିବା ପରିବର୍ତ୍ତେ ଜୁଲାଇରେ ଡ୍ରେନରେ ପାଣି ଭର୍ତ୍ତି ଥିବା ବେଳେ କାର୍ଯ୍ୟ ଆରମ୍ଭ କରିଥିଲେ। ଯାହାକୁ ନେଇ ସେତେବେଳେ ଅସନ୍ତୋଷ ବଢ଼ିଥିଲା। ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ବର୍ଷାରେ ନଷ୍ଟ ହୋଇଥିବା କାମକୁ ଆଉଥରେ ମରାମତି କରାଯାଇଥିଲା । ସେହିଭଳି ଏବେ କାମ ଯେତିକି ଶେଷ ହେଉଛି ଦୁର୍ଦ୍ଦଶା ସେହି ପରିମାଣରେ ବଢି ଚାଲିଛି । ଡ୍ରେନ ନିର୍ମାଣ ବେଳେ ଚାଷ ଜମିର ଉଦ୍‌ବୃତ୍ତ ଜଳ ଆସିବାକୁ ପାଚେରି ବ୍ୟବସ୍ଥା କରାଯାଇ ନ ଥିବାରୁ ଚାଷ ଜମିର ପାଣି ବୋହି ଆସି ନୟନଯୋରି ପାର୍ଶ୍ୱରେ ଜମା ହେଉଛି । ଯେଉଁଥିପାଇଁ ପାଖରେ ଥିବା ବାସଗୃହ ଓ ଦୋକାନରେ ପାଣି ପଶୁଥିବା ନେଇ ଅଭିଯୋଗ ହୋଇଛି । କାମ ଠିକ୍ ଢଙ୍ଗରେ କରାଯାଇ ନ ଥିବାରୁ ପାଣି ନିଷ୍କାସନ ହେଉ ନ ଥିବା ନେଇ ଗ୍ରାମର ସତ୍ୟଭାମା ନାୟକ କହିଛନ୍ତି । ସେହିଭଳି ଚାଷ ଜମିକୁ ଯିବାକୁ ଆବଶ୍ୟକ ବ୍ୟବସ୍ଥା କରା ନ ଯିବା ଏବଂ ନାଳର ୨ପାଖକୁ ପୋତାଯାଇଥିବାରୁ ଚାଷୀମାନେ ହିନସ୍ତା ହେଉଥିବା ନେଇ ଗ୍ରାମର କ୍ଷୀରୋଦ ପାତ୍ର ଅଭିଯୋଗ କରିଛନ୍ତି। ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିବା କଥା କହିଛନ୍ତି। ସେହିଭଳି ଉଭୟ ପାର୍ଶ୍ୱକୁ ପୋତାଯାଇ ନ ଥିବାରୁ ଗୃହପାଳିତ ପ୍ରାଣୀ ପଡି ଆହତ ହେବା ତଥା ବୃକ୍ଷରୋପଣରେ ବାଧା ସୃଷ୍ଟି ହେଉଥିବା ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରେ ଚାଷଜମିରୁ ଜଳକୁ ଡ୍ରେନକୁ ପଶିବା ଭଳି ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ପାରଳାଖେମୁଣ୍ଡି,୧୯।୭(ଗିରିଧାରୀ ପରିଛା): ଗଜପତି ଜିଲା ଅତିରିକ୍ତ ସ୍ୱତନ୍ତ୍ର ଦୌରାଜଜ୍ ପ୍ରଦୀପ କୁମାର ସାମଲ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କାଶୀନଗର ଥାନା ଅନ୍ତର୍ଗତ କେ.ସୀତାପୁର ଗ୍ରାମରେ ୨୦୨୧ ସେପ୍ଟେମ୍ବରରେ ଗଣେଶ ପୂଜା ଚାଲିଥିବା ସମୟରେ ଅଭିଯୁକ୍ତ ବି.କିରଣ ସେହି ଗ୍ରାମର ୧୦ବର୍ଷିୟା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବାର ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି କାଶୀନଗର ଥାନା ପୋଲିସ ଅଭିଯୁକ୍ତଙ୍କୁ ମାମଲା ନଂ.୯୭/୨୧ରେ ଅନୁଯାୟୀ କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ଜଜ୍ ସାମଲ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଓକିଲ ଏଲ.କେ. ଅଧିକାରୀ ପରିଚାଳନା କରିଥିବାର ସରକାରୀ ଓକିଲ ଆର୍.ଜନାର୍ଦ୍ଦନ ରାଓ ସୂଚନା ପ୍ରଦାନ କରିଛନ୍ତି।

### ବେଆଇନ କ୍ଲିନିକ ସିଲ୍, ଫାର୍ମାସିଷ୍ଟ ଅଟକ

ଦିଗପହଣ୍ଡି/ପାଟପୁର,୧୯।୭(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ) : ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ପୋଲିସ ଡେଙ୍ଗାଓସ୍ତା ଗ୍ରାମର ବବୁଲ କ୍ଲିନିକରୁ ଜଣେ ନକଲି ଡାକ୍ତରଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ବୁଧବାର ସାନଖେମୁଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଡ. ଶ୍ରୀନିବାସ ବେହେରା ଡେଙ୍ଗାଓସ୍ତା ବଜାରରେ ଥିବା ବିଭିନ୍ନ ବେସରକାରୀ କ୍ଲିନିକ ଓ ମେଡିକାଲ ଷ୍ଟୋର ଉପରେ ଚଢ଼ାଉ କରିଛନ୍ତି। ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିନ୍‌ଟେଣ୍ଡେଣ୍ଟ ଡା.ବାହାନ ଦାସ ଏବଂ ପାଟପୁର ଥାନା ପୋଲିସ ଟିମ ଏହି ଚଢ଼ାଉରେ ସାମିଲ ଥିଲେ। ଡେଙ୍ଗାଓସ୍ତା ବଜାରରେ ଥିବା ବବୁଲ କ୍ଲିନିକ, ସାହାରା ନର୍ସିଂ ହୋମ ସମେତ ଭରତ ଡେଣ୍ଟାଲ କ୍ଲିନିକ ଉପରେ ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ଡେଣ୍ଟାଲ କ୍ଲିନିକର ଲାଇସେନ୍ସ ନଥିବା ଜଣାପଡ଼ିଥିଲା। ପୋଡ଼ାମାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ତାପସ ବିଶାଳ ଏହି କ୍ଲିନିକ୍ ଚଳାଇଥିଲେ ବୋଲି ଜଣାପଡ଼ିଛି। ପୋଲିସ ଫାର୍ମାସିଷ୍ଟ ବିଶ୍ୱାଳଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ସଂଘବଦ୍ଧ ଆକ୍ରମଣ, ୩ ଗିରଫ

ପାତ୍ରପୁର, ୧୯।୭(ଉମାଚରଣ ନେପାକ): ଗଞ୍ଜାମ ଜିଲା ଜରଡ଼ା ଥାନା ଖମ୍ବାରିଗାଁ ପଞ୍ଚାୟତର ବାବନପୁର ଗ୍ରାମରେ ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୩ଜଣଙ୍କୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗ୍ରାମର କେ. ସୁନ୍ଦର ରାଓ, କେ. ଧର୍ମା ରାଓ ଓ କେ. ଡିଲେଶୁ ଖମ୍ବାରିଗାଁରୁ ଏକ ମୋଟର ସାଇକେଲରେ ଫେରିବା ସମୟରେ ପଥରକୁଆଁରି ଛକ ନିକଟରେ ଜଗି ରହିଥିବା ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ହଠାତ ତାଙ୍କୁ ଆକ୍ରମଣ କରିଥିଲେ। ମୋଟର ସାଇକେଲରୁ କେ. ସୁନ୍ଦର ରାଓ ତଳେ ପଡିଯିବାରୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଦେଇଥିଲେ। ପ୍ରାଣ ଭୟରେ କେ. ଧର୍ମା ରାଓ ଘଟଣାସ୍ଥଳରୁ ପଳାଇଯାଇଥିବା ବେଳେ କେ. ଡିଲେଶୁ ଏକ ଲଟା ଭିତରେ ଲୁଚିଯାଇଥିଲେ। କେ. ସୁନ୍ଦର ରାଓଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖି ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଖବରପାଇ ତାଙ୍କ ପରିବାର ଲୋକ ପହଞ୍ଚି ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ବୁଧବାର ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗିରଫ ଭୟରେ ବାବନପୁର ଏବେ ପୁରୁଷଶୂନ୍ୟ ହୋଇପଡିଛି। ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜରଡା ଥାନା ଅଧିକାରୀ ସୁନିଲ କୁମାର ବେହେରା ସୂଚନା ଦେଇଛନ୍ତି।

### ଯୌତୁକଜନିତ ହତ୍ୟା ଅଭିଯୋଗ

ବେଗୁନିଆପଡ଼ା,୧୯।୭(ସୁଶାନ୍ତ ପଟ୍ଟନାୟକ):ବେଗୁନିଆପଡ଼ା ପାଇକ ସାହିରେ ପୋଲିସ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ମହିଳା ଜଣକ ହେଲେ ରୋଜିରାଣୀ ଜେନା। ବାପଘର ଲୋକେ ଯୌତୁକ ପାଇଁ ଝିଅକୁ ମାରି ଦିଆଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପାଇକ ସାହିର ରୋଜିରାଣୀଙ୍କ ୯ ବର୍ଷ ତଳେ ଚିଲିକା ନୀଳାଦ୍ରି ବିହାରଠାରେ ରୋହିତ ମାଝୀଙ୍କ ସହ ବିବାହ ହୋଇଥିଲା। ଅଧିକ ଯୌତୁକ ଲୋଭରେ ତାଙ୍କର ସ୍ୱାମୀ, ଶଶୁର, ଶାଶୁ ମିଳିମିଶି ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ରୋଜିରାଣୀ ନିଜ ପରିବାର ଲୋକଙ୍କୁ କହି ଆସୁଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିବା ଜାଣି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ରୋଜିରାଣୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ଗଞ୍ଜାମରେ ଥାଇଲାଣ୍ଡ ଅର୍କିଡ ଚାରା

- ଫୁଲଚାଷ କରିବେ ମିଶନ ଶକ୍ତି ମହିଳା
- ୩ ବ୍ଲକରେ ୧୦୦ ପ୍ରକଳ୍ପ ଲକ୍ଷ୍ୟ

ବ୍ରହ୍ମପୁର,୧୯।୭(ସ୍ମୃତି ରଞ୍ଜନ ମହାଲିକ)

ପର୍ବପର୍ବାଣି ହେଉ କିମ୍ବା କୌଣସି ଶୁଭକାର୍ଯ୍ୟ ସବୁଥିରେ ବର୍ତ୍ତମାନ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସାଜସଜ୍ଜାରେ ବିଭିନ୍ନ ଦାମୀ ଫୁଲ ବ୍ୟବହାର କରାଯାଉଛି। ଏସବୁ ଫୁଲ ପାଇଁ ବିଶେଷକରି ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଧ୍ୟ ଫୁଲ ଆମଦାନୀ କରିଥାନ୍ତି। ଫୁଲ ମଧ୍ୟରେ ଅର୍କିଡ ହେଉଛି ସବୁଠାରୁ ଦାମୀ। ଏହି ଫୁଲ ସୁଦୂର ବେଙ୍ଗାଲୁରୁରୁ ଆମଦାନୀ ହୋଇଥାଏ। ଅର୍କିଡ ଫୁଟିବା ପାଇଁ ବାୟୁମଣ୍ଡଳର ଆର୍ଦ୍ରତା ଉପରେ ନିର୍ଭର କରିଥାଏ। ଗଞ୍ଜାମ ଜିଲାର ଗଞ୍ଜାମ ବ୍ଲକର ବାୟୁମଣ୍ଡଳ ଅର୍କିଡ ପାଇଁ ବେଶ୍ ଉପଯୁକ୍ତ। ତେଣୁ ଜିଲା ପ୍ରଶାସନର ସହଯୋଗକ୍ରମେ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ଅର୍କିଡ ଚାଷକୁ ଗୁରୁତ୍ୱ ଦିଆଯାଉଛି।

ଉଦ୍ୟାନ ବିଭାଗ ପକ୍ଷରୁ ମିଶନ ଶକ୍ତିର ମହିଳାମାନଙ୍କ ଦ୍ୱାରା ଗଞ୍ଜାମ ବ୍ଲକ ରାମଗଡ ପଞ୍ଚାୟତରେ ଅର୍କିଡ ଫୁଲ ଚାଷ ପାଇଁ ଯୋଜନା ହୋଇଛି। ପଲିଥିନ ଆବଦ୍ଧ ଗୃହ ମଧ୍ୟରେ ଏହି ଚାଷ କରାଯିବ। ୧୯୨୦ ବର୍ଗମିଟର ସ୍ଥାନରେ


ଗଞ୍ଜାମ ବ୍ଲକ ରାମଗଡ ପଞ୍ଚାୟତ ପଲ୍ଲୀ ହାଉସରେ ଥିବା ଥାଇଲାଣ୍ଡର ଅର୍କିଡ ଚାରା।

ଏହି ଫୁଲ ଚାଷ କରାଯିବ। ମିଶନ ଶକ୍ତି ମହିଳାଙ୍କୁ ରାଜ୍ୟ ଫୁଲ ମିଶନ ମାଧ୍ୟମରେ ୫୦% ସବସିଡି ପ୍ରଦାନ କରାଯିବ। ଏ ନେଇ ଜିଲା ପ୍ରଶାସନ ଓ ବେଙ୍ଗାଲୁରୁ ଫ୍ଲୋରେନ୍ସ ଫ୍ଲୋର ମାର୍କେଟିଂ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ସଂସ୍ଥା ଥାଇଲାଣ୍ଡରୁ ଅର୍କିଡ ଚାରା ଯୋଗାଇଛି। ଟେକ୍ନିକାଲ କ୍ଷେତ୍ରରେ ମଧ୍ୟ ସଂସ୍ଥା ସମସ୍ତ ସହଯୋଗ କରିବ ବୋଲି ସୂଚନା ମିଳିଛି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଅର୍କିଡ ଚାଷ କରାଯିବ। ଉଦ୍ୟାନ ବିଭାଗର ଅଧିକାରୀମାନେ ଚାଷ ବାବଦରେ ବେଙ୍ଗାଲୁରୁଠାରେ ପ୍ରଶିକ୍ଷଣ ଲାଭ କରିଛନ୍ତି। ଗଞ୍ଜାମ ବ୍ଲକରେ ଏହି ପ୍ରକଳ୍ପ ସଫଳ ହେଲେ ଆଗାମୀ ଦିନରେ ଗଞ୍ଜାମ ସମେତ ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକରେ ଏଭଳି ଭାବେ ମୋଟ ୧୦୦ଟି ପ୍ରକଳ୍ପ କରାଯିବାକୁ ଲକ୍ଷ୍ୟ ରହିଥିବା ଜିଲା ଉଦ୍ୟାନ ବିଭାଗର ସହାୟକ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି। ଏଥିସହ ଆମ୍ବପୁଆଠାରେ ଥିବା ଫୁଲ ଶୀତଳଭଣ୍ଡାରକୁ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଏଠାରେ ଅର୍କିଡ, ଗେଣ୍ଡୁ, ଗୋଲାପ, ରଜନୀଗନ୍ଧା ଆଦି ଫୁଲ ଗଚ୍ଛିତ ରଖାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଏପରିକି ରାଜ୍ୟ ବାହାରକୁ ପଠାଯିବା ନିମନ୍ତେ ଯୋଜନା ରହିଥିବା ପଣ୍ଡା କହିଛନ୍ତି। ଗଞ୍ଜାମ ଜିଲାରେ ସାଧାରଣତଃ ଧଳା ଓ ବାଇଗଣୀ ରଙ୍ଗର ଅର୍କିଡ ଫୁଲ ଚାଷ ହୋଇଥାଏ। ନଡିଆକତା ମଧ୍ୟରେ ଏହି ଚାଷ ହୋଇଥାଏ। ଗଛ ବୃଦ୍ଧି ପାଇଁ ହାଇଡ୍ରୋଜେନ, ଫସଫରସ, ପଟାସ ସାର ଦିଆଯାଏ। ଗଛ ବଢ଼ିଲେ ୩ରୁ ୪ ମାସ ପରେ ଫୁଲ ଫୁଟିବା ଆରମ୍ଭ କରିଥାଏ। ବଜାରରେ ଗୋଟିଏ ଅର୍କିଡ ଫୁଲ ପିଛା ଦର ୨୫ ଟଙ୍କା। ଯଦି ପ୍ରକଳ୍ପ ସଫଳ ହୁଏ ତେବେ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଗଞ୍ଜାମ ଅର୍କିଡର ଚାହିଦା ବୃଦ୍ଧି ପାଇବ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି। ଅର୍କିଡ ଫୁଲ ବିକ୍ରିବୃଦ୍ଧି ନିମନ୍ତେ ମିଶନ ଶକ୍ତି ମହିଳାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ଗଞ୍ଜାମର ଅର୍କିଡ ଅନ୍ତର୍ଜାତୀୟ ବଜାରରେ କିଭଳି ପରିଚିତ ହେବ ସେ ନେଇ ମଧ୍ୟ ପଦକ୍ଷେପ ନିଆଯାଉଥିବା ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି।

# ଗଜପତି ଜିଲାର ୩୫ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ହେବ


ବୈଠକରେ ଯୋଗ ଦେଇଥିବା ଅଧିକାରୀ, ଅଭିଭାବକ ଓ ଛାତ୍ରୀଛାତ୍ର ।

ପାରଳାଖେମୁଣ୍ଡି, ୧୯।୭ (ଗିରିଧାରୀ ପରିଛା):

ଗଜପତି ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ୩୫ଟି ସରକାରୀ ଉଚ୍ଚ ବିଦ୍ୟାଳୟ ୫-ଟି ଅଧୀନରେ ରୂପାନ୍ତରଣ ହେବ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଉକ୍ତ ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ହୋଇଛି। ଏ ନେଇ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆଭାସୀ ମାଧ୍ୟମରେ ଅବଗତ କରାଇଛନ୍ତି। ମୋହନା ବ୍ଲକର ୮ଟି, ନୂଆଗଡ ବ୍ଲକର ୨ଟି, ରାୟଗଡ଼ ବ୍ଲକ ୭ଟି, ଗୋଷାଣୀ ବ୍ଲକର ୯ଟି, ଗୁମ୍ମା ବ୍ଲକର ୬ଟି ଓ କାଶୀନଗର ବ୍ଲକର ୩ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ହେବ ବୋଲି ସୂଚନା ଦେଇଛନ୍ତି। ବିଦ୍ୟାଳୟର ରୂପରେଖ କେମିତି ହେବା ଦରକାର ଓ ଭବିଷ୍ୟତରେ ସେମାନଙ୍କ ଲକ୍ଷ୍ୟ କ'ଣ, ଏନେଇ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ କହିଥିଲେ ଯେ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୩ଟି, ଦ୍ୱିତୀୟ ପର୍ଯ୍ୟାୟରେ ୬୦ଟି, ତୃତୀୟ ପର୍ଯ୍ୟାୟରେ ୬୧ ଗୋଟି ବିଦ୍ୟାଳୟ ରୂପାନ୍ତରଣ ହୋଇଛି।

# ଯୁବ ସମ୍ବନ୍ଧ ଭାରତ କାର୍ଯ୍ୟକ୍ରମ

ଫୁଲବାଣୀ,୧୯।୭(ରାକେଶ କୁମାର ରାଉତ)

ଫିରିଙ୍ଗିଆ ବ୍ଲକ ଲୁଇସିଂ ଉଚ୍ଚ ବିଦ୍ୟାଳୟରେ ଯୁବ ସମ୍ବନ୍ଧ ଭାରତ ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ନେହେରୁ ଯୁବ କେନ୍ଦ୍ର ମିଳିତ ଉଦ୍ୟମରେ ପାଳିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ନେହ୍ରୁ ଯୁବ କେନ୍ଦ୍ର ଅଧିକାରୀ ନଭନିତ କୁମାର, ଲୁଇସିଂ ସରପଞ୍ଚ ସୁଦର୍ଶନ କହଁର, ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ଫିରିଙ୍ଗିଆ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ଫୁଲବାଣୀ ସ୍ୱୟଂସାସିତ ମହାବିଦ୍ୟାଳୟର ରାଜନିତି ବିଜ୍ଞାନ ଅଧ୍ୟାପକ ଦୁଷ୍ମନ୍ତ ମାର୍ଥା, ଆକ୍ସନଏଡ ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ, ଲୁଇସିଂ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମ ଚନ୍ଦ୍ର ବେହେରା, ସ୍ୱାତୀ ସମ୍ପାଦକ ଇଂ ହରିଶଙ୍କର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ପୁରଣକୁ ଭାରତ ସରକାର ଅମୃତ କାଳ କହୁଛନ୍ତି। ସ୍ୱାଧୀନତାର ୧୦୦ ବର୍ଷ ୨୦୪୭ ମସିହାରେ ଦେଶ ସଂପୂର୍ଣ୍ଣ ବିକଶିତ ହେବାପାଇଁ ଯୁବ ବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଛାତ୍ରୀଛାତ୍ରମାନେ ବିକଶିତ ଦେଶର କର୍ଣ୍ଣଧାର ହୋଇ ପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ମେରି ମାଟି ମେରି ମା ଅଭିଯାନରେ ଅତିଥିମାନେ ଚାରାରୋପଣ କରି ଶୁଭାରମ୍ଭ କରିଥିଲେ। ପ୍ରଦିପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଶ୍ୱରଞ୍ଜନ କର, ବୈକୁଣ୍ଠ ଦାସ, ଆଲୋକ ସାମନ୍ତ ରାଏ, ମାନସ ପ୍ରଧାନ, ବିନ୍ଧ୍ୟାରାଣୀ ନାୟକ, ପୁଷ୍ପିତା ସାହୁ ସହଯୋଗ କରିଥିଲେ । ଶିବ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ ।

# ଆରଡିସିଙ୍କ ଅଫିସ ଆଗରେ ଏଆଇୱାଇଏଫ୍‌ର ବିକ୍ଷୋଭ

## ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ବନ୍ଦର ପ୍ରତିବାଦ

ବ୍ରହ୍ମପୁର,୧୯।୭(ନରସିଂହ ସାହୁ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ଏଲ୍‌ଏଲ୍‌ଏମ ପାଠ୍ୟକ୍ରମ ବନ୍ଦ କରାଯାଇଛି। ଏହା ପ୍ରତିବାଦରେ ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ପକ୍ଷରୁ ବୁଧବାର ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଛି। ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଯୁବ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଜିଲା ଶାଖାର ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସମ୍ପାଦକ କାମଦେବ ନାହାକ। ରାଜ୍ୟ ସଭାପତି ପ୍ରଦୀପ ସେଠୀଙ୍କ ସମେତ ବହୁ ସଂଖ୍ୟକ ବାମପନ୍ଥୀ ଯୁବ କର୍ମୀ ସାମିଲ ହୋଇଥିଲେ। ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଦୀର୍ଘବର୍ଷରୁ ଏଏଲଏମ ପାଠ୍ୟକ୍ରମ ପ୍ରଚଳନ ହେଉଥିଲା।



ଆରଡିସିଙ୍କ ଅଫିସ ଆଗରେ ଏଆଇୱାଇଏଫ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଶିକ୍ଷକ ଅଭାବ ଦର୍ଶାଇ ଚଳିତ ବର୍ଷ ହଠାତ୍ ବନ୍ଦ କରି ଦେଇଛନ୍ତି। ଫଳରେ ଆଇନ ପାଠ୍ୟକ୍ରମ ପ୍ରତି ଆଗ୍ରହୀ ଛାତ୍ରୀଛାତ୍ର ହତାଶ ହୋଇଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନ୍ଦ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଏଆଇୱାଇଏଫ ଦାବି କରିଛି। ବିକ୍ଷୋଭ ସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ପ୍ରଦୀପ ଓ କାମଦେବଙ୍କ ସମେତ ଜୋନାଲ ସମ୍ପାଦକ ମହେନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ବେହେରା, ଋତୁରାଜ ପାର୍ଥ ସାରଥୀ, ରାଜେଶ ଡ଼ାକୁଆ, ସୌମ୍ୟରଞ୍ଜନ ନାୟକ, ରାଜେନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ପ୍ରଧାନ, କୁଞ୍ଜ ବିହାରୀ ସାହୁ ଓ ଅନ୍ୟମାନେ ଉଦବୋଧନ ଦେଇଥିଲେ। ତୁରନ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଗୁଡ଼ିକ ପୂରଣ କରାଯିବାକୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ଦିଆଯାଇଛି।

## ପୁରୁଣା କୋଠାରୁ ଇଞ୍ଜେକଶନ ଜବତ ଘଟଣା

# ୧୨ କର୍ମଚାରୀଙ୍କୁ ପଚରାଉଚରା

ବ୍ରହ୍ମପୁର,୧୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ପୁରୁଣା ଇନ୍‌ଡୋର କୋଠାରୁ ଆଣ୍ଟିବାୟୋଟିକ୍ ଇଞ୍ଜେକଶନ ଜବତ ହେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ୪ ଜଣିଆ କମିଟି ବୁଧବାର ୧୨ ଜଣ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ଉକ୍ତ ଆଣ୍ଟିବାୟୋଟିକ୍ କେତେ ଲୋକାଲ ପର୍ଚେଜ ହୋଇଥିଲା ଏବଂ କେତେ ଯୋଗାଣ ହୋଇଛି ଦେଖିବା ପରେ ସିକ୍ୟୁରିଟି ଗାର୍ଡ, ଫାର୍ମାସିଷ୍ଟ ଓ ଷ୍ଟୋରରେ ଥିବା ସମସ୍ତ କର୍ମଚାରୀଙ୍କୁ ପଚାରାଉଚରା ହେଉଛି। ଷ୍ଟୋରରେ ଥିବା ଅନ୍ୟ ଔଷଧ ଓ ଇଞ୍ଜେକସନ୍ ମଧ୍ୟ ଅଡିଟ୍ କରାଯିବ ବୋଲି ପଣ୍ଡା କହିଛନ୍ତି। ଏମେକସିଜିରେ ବିଭିନ୍ନ ପ୍ରକାର ୪ଶହରୁ ଅଧିକ ଔଷଧ ଓ ୨ଶହରୁ ଉର୍ଦ୍ଧ୍ୱ ଇଞ୍ଜେକସନ୍ ରୋଗୀଙ୍କ ପାଇଁ ରହିଛି। ନିରାମୟରୁ କେତେ ଯୋଗାଣ ହୋଇଛି ଏବଂ କେତେ ଟଙ୍କାର କେଉଁ ଔଷଧ ସ୍ଥାନୀୟ ବଜାରରୁ କିଣାଯାଇଛି ତାହାର ଅଡିଟ୍ କରି ରିପୋର୍ଟ ମଧ୍ୟ ପ୍ରସ୍ତୁତ ହେବ। ସ୍ୱତନ୍ତ୍ର ଷ୍ଟୋର ବ୍ୟବସ୍ଥା ନ ଥିବାରୁ ପୁରୁଣା କୋଠାର ବିଭିନ୍ନ କୋଠରିରେ ଔଷଧ ଓ ଇଞ୍ଜେକସନ୍ ମହଜୁଦ ରଖାଯାଉଛି। ଚୋରି ରୋକିବା ପାଇଁ ସବୁଠି ସିସିଟିଭି କ୍ୟାମେରା ଲଗାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲ ଅଧୀକ୍ଷକ ଡା.ସୁଚିତ୍ରା ଦାଶଙ୍କ ଅଭିଯୋଗ ପ୍ରକାରେ ବୈଦ୍ୟନାଥପୁର ଥାନା ପୋଲିସ ଉକ୍ତ ଘଟଣାର ତଦନ୍ତ କରୁଛି। ଏମକେସିଜି ରେଜିଷ୍ଟ୍ରାରଙ୍କ ରୁମ୍ ଭିତରେ ତଦନ୍ତ କମିଟି ବସି ଆଲୋଚନା କରିଥିଲେ। ପରେ ଷ୍ଟୋରର କର୍ମଚାରୀ ମାନେ ସେଠାରେ ହାଜର ହୋଇ କମିଟି ନିକଟରେ ନିଜର ବୟାନ ରଖିଥିଲେ। ଷ୍ଟୋର ମେଡିକାଲ ଅଫିସର ଆସୋସିଏଟ୍ ପ୍ରଫେସର ଅଭିନାଶ ପଣ୍ଡା, ଆକାଉଣ୍ଟ ଅଫିସର ଏସ୍.ସୁଧାକର, ହସ୍ପିଟାଲ୍ ମ୍ୟାନେଜର ସିଦ୍ଧାର୍ଥ ପ୍ରଧାନ ଏହି କମିଟିରେ ସଦସ୍ୟ ଅଛନ୍ତି। ରେଜିଷ୍ଟାରଙ୍କ ସହ ସମସ୍ତ ସଦସ୍ୟ ତଦନ୍ତ ସମୟରେ ଉପସ୍ଥିତ ଥିଲେ। ସେପଟେ ଶୀଘ୍ର ତଦନ୍ତ କରି ରିପୋର୍ଟ ଦେବାକୁ ଅଧୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି ।

# ଦୁଇ ମନ୍ଦିର ଭିତ୍ତିପ୍ରସ୍ତର, ହାଟ ପିଣ୍ଡି ଉଦ୍‌ଘାଟିତ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୧୯।୭
(ଅରୁଣ ସାହୁ/ ମନୋରଞ୍ଜନ ରଣା )

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ଗଦାପୁର ଜଗନ୍ନାଥ ମନ୍ଦିରର ଓ ବ୍ରାହ୍ମଣୀଗାଁ ଶିବ ମନ୍ଦିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୮ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ରହିଛି। ଏହି ଅନୁଦାନରେ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ବୁଧବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର ଓ ପଞ୍ଚାୟତ ଲୋକପ୍ରତିନିଧିମାନେ


ଜଗନ୍ନାଥ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

ଯୋଗ ଦେଇଥିଲେ। ପ୍ରଥମେ ଗଦାପୁର ଜଗନ୍ନାଥ ମନ୍ଦିରରେ ଭିତ୍ତିପ୍ରସ୍ତର କରାଯାଇଥିବା ବେଳେ ସ୍ଥାନୀୟ ଲୋକ ବିଧାୟକଙ୍କୁ ସ୍ୱାଗତ କରି ମନ୍ଦିର ପ୍ରାଙ୍ଗଣକୁ ନେଇଥିଲେ। ସେଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ରାହ୍ମଣୀଗାଁ ଶିବ ମନ୍ଦିର ବିଧାୟକ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରି ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚାଇଥିଲେ। ସେଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବ୍ରାହ୍ମଣୀଗାଁ ପଞ୍ଚାୟତ ହାତପଡାଠାରେ ପହଞ୍ଚି ଦଶ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ହାଟ ପିଣ୍ଡିର ଶୁଭ ଉଦ୍‌ଘାଟନ କରାଯାଇଥିଲା।

# ବିଡିଓଙ୍କୁ ଅଟକାଇଲେ ମହିଳା

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆଣ୍ଠୁଏ ପାଣି



ବାଲିଗୁଡା,୧୯।୭(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକ ବ୍ରାହ୍ମଣପାଦ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆଣ୍ଠୁଏ ବର୍ଷାଜଳ ଜମିରହୁଛି। ଏହାର ପ୍ରତିବାଦରେ ବୁଧବାର ବ୍ରାହ୍ମଣପାଦର କେତେକ ମହିଳା ପଞ୍ଚାୟତ ପରିଦର୍ଶନରେ ଯାଇଥିବା ବିଡ଼ିଓ ହୃଦୟ ରଞ୍ଜନ ସାହୁଙ୍କ ଗାଡ଼ିକୁ ଅଟକାଇ ଥିଲେ। ବିଡ଼ିଓ ସାହୁ ତୁରନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯୋଗାଯୋଗ କରିବା ସହ ରାସ୍ତା ମରାମତି କରିବା ପାଇଁ ଅବଗତ କରିଥିଲେ। ଆସନ୍ତା ୧୫ ଦିନ ଭିତରେ ଟେଣ୍ଡର କରାଯିବା ସହ ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ବିଡିଓଙ୍କ ଗାଡ଼ିକୁ ଛାଡିଥିଲେ। ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ଲେଖାଏଁ ଜଳ ଜମି ରହୁଥିବା ନେଇ ଗ୍ରାମର ଲକ୍ଷ୍ମୀ ପୃଷ୍ଟି, ଦମୟନ୍ତୀ ବେହେରା, ରୀତାଞ୍ଜଳି ବେହେରା, ସୁଷମା ସାହୁ, ରମେଶ ସାହୁ ଓ ହିମାଞ୍ଚଳ ସାହୁ ବିଡ଼ିଓଙ୍କୁ ପୁଣି ଅବଗତ କରାଇଥିଲେ। ଏହି ଘଟଣା ପରେ ବିଡ଼ିଓ ଗ୍ରାମର ମା' ପିତାବଳି ମନ୍ଦିର, ଗ୍ରାମ୍ୟ ପୋଖରୀ, ବିରୁପାକ୍ଷ ଉଚ୍ଚବିଦ୍ୟାଳୟ ପରିଦର୍ଶନ ସହ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ହେମକେଶ ମଳିକ ଓ ବ୍ଲକ୍ ଉପାଧ୍ୟକ୍ଷ ସୋମନାଥ ବେହେରାଙ୍କ ସହ ମିଶି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଆମ୍ବପୁରରେ ବିଜେଡି କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମକର୍ତ୍ତା ।

ପାତ୍ରପୁର, ୧୯।୭(ଉମା ଚରଣ ନେପାକ)

ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଆମ୍ବପୁର ଗ୍ରାମରେ ବୁଧବାର ବିଜେଡିର ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଚ୍ଚିଦାନନ୍ଦ ରାଜଗୁରୁ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ପୁତ୍ର ଚିନ୍ମୟାନନ୍ଦ ଶ୍ରୀରୁପ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସଂଘଟକ ବାପୁଜୀ ବିସୟୀ, ପାତ୍ରପୁର ବ୍ଲକ ବିଜେଡି ସଭାପତି ରାଜନାଥ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଯୋସଦା ସବର, ସରପଞ୍ଚ ତୋଅପେଇ ବେହେରା, ସମିତି ସଭ୍ୟା ସୁଲୋଚନା ପ୍ରଧାନ, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରକାଶ ଦାସ, ବୈଲୋଚନ ଚୌଧୁରୀ, ସୁମିତ ପ୍ରଧାନ, ବୃନ୍ଦାବନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୁଳକ କାର୍ଯ୍ୟ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ପଦବୀ ଖାଲି

ଜି.ଉଦୟଗିରି,୧୯।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଜି.ଉଦୟଗିରି ସହର ବ୍ୟତୀତ ଆଖପାଖର ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ଏହି ହସ୍ପିଟାଲରେ ବର୍ଷ ବର୍ଷ ଧରି ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବାରୁ ଗୁରୁତର ରୋଗୀ ଫୁଲବାଣୀ, ଭଞ୍ଜନଗରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଦୀର୍ଘଦିନ ଧରି ଶିଶୁରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ମହିଳା ଓ ପ୍ରସୂତି ବିଭାଗ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଏ ସବୁ ପଦବୀ ପୂରଣ ପାଇଁ ବିଭିନ୍ନ ରାଜନୈତିକ ଦଳ, ନାଗରିକ ସମାଜ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏ ସବୁ ପଦବୀ ପୂରଣ ନ ହେବା ଯୋଗୁ ଶିଶୁ ଓ ଗର୍ଭବତୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷଜ୍ଞ ପଦବୀଗୁଡିକ



ବଦଳରେ କିଛିଦିନ ହେବ ସରକାର ଏସବୁ ପଦବୀରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ନିଯୁକ୍ତି ଦେଇ ଦାୟିତ୍ୱ ଖସାଇ ଦେଇଛନ୍ତି। ଏଠି ଏକ୍ସ-ରେ ମେଶିନ ଅଛି କିନ୍ତୁ ଟେକ୍ନିସିଆନ ନାହାନ୍ତି। ଟିକାବାଲିରୁ ଜଣେ ଟେକ୍ନିସିଆନ ସପ୍ତାହରେ ତିନି ଦିନ ପାଇଁ ଆସି କାମ ଚଳାଉଛନ୍ତି। ତେଣୁ ଏଠାରେ ସ୍ଥାୟୀ ଭାବେ ଜଣେ ଏକ୍ସ-ରେ ଟେକ୍ନିସିଆନ ନିଯୁକ୍ତି କରିବା ପାଇଁ ଦାବି ହେଉଛି। କେବଳ ୫-ଟି ଅଧୀନରେ ହସ୍ପିଟାଲ ଚକାଚକ କରାଯାଉଛି କିନ୍ତୁ ରୋଗୀଙ୍କୁ ଦେଖିବା ପାଇଁ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଇନଚାର୍ଜ ଡାକ୍ତର ରତିକାନ୍ତ ସାହୁଙ୍କୁ ପଚାରିବାରୁ ସ୍ପେସାଲିଷ୍ଟ ନ ଥିଲେ ମଧ୍ୟ ହସ୍ପିଟାଲରେ ଥିବା ଡାକ୍ତରମାନେ ଠିକ୍ ଭାବେ ରୋଗୀ ସେବା କରୁଛନ୍ତି ବୋଲି କହିଥିଲେ। ଏହି ହସ୍ପିଟାଲଟି ପୂର୍ବରୁ ରେଫରାଲ ହସ୍ପିଟାଲ ଥିଲା, ଅନ୍ୟ ହସ୍ପିଟାଲରୁ ରୋଗୀ ଏଠିକି ରେଫର ହୋଇ ଆସୁଥିଲେ। ସରକାର ଏଠାରେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଓ ଆନାସ୍ଥେସିଆ ବିଶେଷଜ୍ଞ ପଦବୀ ଖୋଲିବା ପାଇଁ ଯୋଜନା କରିଥିଲେ କିନ୍ତୁ ଏଠୁ ରେଫରାଲ ହସ୍ପିଟାଲ ମାନ୍ୟତା ଉଚ୍ଛେଦ କରାଗଲା। ନୂତନ ବିଶେଷଜ୍ଞ ପଦବୀ ସୃଷ୍ଟି କରିବା ତ ଦୂରର କଥା ଏହି ହସ୍ପିଟାଲରେ ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀଗୁଡିକ ପୂରଣ କରାଗଲା ନାହିଁ। ତେଣୁ ସରକାର ଶୀଘ୍ର ଖାଲିଥିବା ବିଶେଷଜ୍ଞ ପଦବୀ ସମେତ ଅନ୍ୟ ଖାଲି ପଦବୀ ପୂରଣ କରିବା ପାଇଁ ଦାବି ହେଉଛି।

### ରୋଗୀ ସେବା ପ୍ରଭାବିତ

**୮୩ ଗ୍ରାମ ବ୍ରାଉନସୁଗାର ଜବତ**

ଜଗତ୍‌ସିଂହପୁର, (ପ୍ରମୋଦ କୁମାର ନାୟକ):ବୁଧବାର ଅବକାରୀ ବିଭାଗ ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ପୃଥକ ସ୍ଥାନରେ ଚଢ଼ାଉ ହୋଇଥିଲା। ଏଥିରେ ୮୩ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଏହା ଉପରେ ମାମଲା ସଂଖ୍ୟା ୨୯/୨୦୨୩-୨୪ ଓ ୩୦/୨୦୨୩-୨୪ ରୁଜୁ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାରାଦୀପ ଲକପଡ଼ାର ଚନ୍ଦ୍ରକାନ୍ତ ମାହାଲି ଓ ରାକେଶ ସ୍ୱାଇଁ।



## ସଂକ୍ଷେପରେ

### ସରପଞ୍ଚଙ୍କ ଉନ୍ମତ୍ତକାଣ୍ଡ, ମା'ପୁଅଙ୍କୁ ମରଣାନ୍ତକ ଆକ୍ରମଣ
### ମାଡ଼ ମାରିବା ଘଟଣାର ଭିଡିଓ ଭାଇରାଲ

ଓଡ଼ଗାଁ,୧୯।୭(ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ରୋହିବାଙ୍କ ବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ସରପଞ୍ଚ ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ବିଚ୍ ବଜାରରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ମହିଳା ଜଣକ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ପୁଅ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଆହତ ମହିଳା ଶୈଳବାଳା ଭଞ୍ଜ(୩୫) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପୁଅ ଗଙ୍ଗା(୧୮) ମଙ୍ଗଳବାର ସନ୍ଧ୍ୟା ୭ ଟାରେ ଦୋକାନରେ ବସିଥିବା ବେଳେ ତାଙ୍କ ଗ୍ରାମର ସରପଞ୍ଚ ମହନ୍ତ ବେହେରା ହାତରେ ଗୋଟିଏ ପ୍ଲାଷ୍ଟିକ ଧରି ସେହି ଗ୍ରାମର ଦମୟନ୍ତୀ ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କ ସହିତ ହଠାତ୍ ତାଙ୍କ ଦୋକାନ ଆଗରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୋକାନ ଭାଙ୍ଗି ଚାଲିଯିବାକୁ ଧମକ ଦେଇଥିଲେ। ଏହାପରେ ମୋତେ ଓ ପୁଅଙ୍କୁ ଦୋକାନ ଭିତରୁ ଭିଡ଼ି ଆଣି ଉଭୟଙ୍କୁ ତଳେ ପକାଇ ନାତ ଗୋଇଠା ମାରିବା ସହିତ ତାଙ୍କ ପୁଅଙ୍କୁ ପ୍ଲାଷ୍ଟିକ ପାଇପରେ ଆଖିବୁଜା ପିଟି ଚାଲିଥିଲେ। ସରପଞ୍ଚ ମୋତେ ଓ ପୁଅକୁ ପିଟୁଥିବା ବେଳେ ଦମୟନ୍ତୀ ଦୋକାନରେ ପଶି ତାଙ୍କର ଲକ୍ଷାଧିକ ଟଙ୍କାର ଜିନିଷପତ୍ର ବାହାରକୁ ଫୋପାଡ଼ି ନଷ୍ଟ କରିଦେଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରିହୋଇ ତଦନ୍ତ ଚାଲିଛି ବୋଲି ଆଇଆଇସି ରଶ୍ମିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡ଼ିଓ ଭାଇରାଲ ହେବାରେ ଲାଗିଛି।

### ଟ୍ରାକ୍ଟର, ଚୋରି ସାମଗ୍ରୀ ଜବତ: ଜଣେ ଗିରଫ
#### ଅସ୍ଥାୟୀ ପୋସ୍କୋ ଶିବିରରୁ ଚୋରି ଘଟଣା

କୁଜଙ୍ଗ,୧୯।୭ (ମନୋଜ ପ୍ରଧାନ) କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଗବପୁରଠାରେ ନିର୍ମାଣ ହୋଇଥିବା ପୋସ୍କୋ ଅସ୍ଥାୟୀ କଲୋନୀ ଭାଙ୍ଗି ଇଟା ରଡ ଚୋରି କରିବା ଅଭିଯୋଗରେ ଜଣେ ଗିରଫ ହୋଇଥିବା ବେଳେ ୨ଜଣ ଫେରାର ହୋଇଯାଇଛନ୍ତି। ଅସ୍ଥାୟୀ ପୋସ୍କୋ କଲୋନୀ ଖାଲି ପଡ଼ିଥିବା ବେଳେ ୨ବର୍ଷ ହେବ ଉକ୍ତ ଘରକୁ ଭାଙ୍ଗି ଇଟା ରଡ ନିୟମିତ ଚୋରି ହୋଇ ଚାଲିଥିଲା। ୩ଜଣ ଦୁର୍ବୃତ୍ତ ରାଜୀବ ନାୟକ, ସମୀର ମଲ୍ଲିକ ଓ ତୋଫାନ ରାଉଳ ମିଶି ଘର ଭାଙ୍ଗି ଇଟା ରଡ ଏକ ଟ୍ରାକ୍ଟରରେ ବୋଝେଇ କରି ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ। ରାଜୀବ ଓ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ତୋଫାନ ଧରା ପଡ଼ିଥିଲେ। ସେଠାରୁ ପୋଲିସ ଇଟା ଓ ରଡ ବୋଝେଇ ଟ୍ରାକ୍ଟର, ବାଇକ୍ ସହ ମାରଣାଅସ୍ତ୍ର ଜବତ କରି ଥାନାକୁ ଆଣିଛି। ପୋଲିସ ନଂ.୩୫୩/୨୩ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତୋଫାନଙ୍କୁ ବୁଧବାର କୋର୍ଟ ଚାଲଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତୋଫାନଙ୍କ ଘର ଥାନା ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି।

# ଅଙ୍ଗନୱାଡ଼ି ପିଲାଙ୍କୁ ପୋକ ସାଲୁବାଲୁ ଛତୁଆ

କେନ୍ଦ୍ରାପଡ଼ା,୧୯।୭(ଜଗନ୍ନାଥ ଧଳ)



ଶିଶୁଙ୍କୁ ଯୋଗାଇ ଦିଆଯାଉଥିବା ପୋକ ମିଶା ଛତୁଆ।

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସରକାରଙ୍କ ତରଫରୁ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଗଠନରେ ସହାୟକ ହେବା ନିମନ୍ତେ ପୁଷ୍ଟିକର ଛତୁଆ, ସୁଜି ହାଲୁଆ ଓ ବାଦାମଲଡୁ ଯୋଗାଇ ଦିଆଯାଉଛି। ଏହାର ପ୍ରସ୍ତୁତି ନିମନ୍ତେ ମିଶନଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟନ କରାଯାଉଥିବା ଛତୁଆ ଓ ସୁଜିରୁ ପୋକ ବାହାରୁଛି। ଖାଇଲା ବେଳକୁ ଗମରା ଲାଗୁଛି। ଏଭଳି ଅଭିଯୋଗ ଆସିଛି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ୭ନଂ. ୱାର୍ଡ ତଳବାଲିପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରୁ। ଗତ କିଛିଦିନ ଧରି କେନ୍ଦ୍ରରେ ଦିଆଯାଇଥିବା ସୁଜିରେ ପୋକ ସାଲୁବାଲୁ ହେଉଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ତଳବାଲିପଡ଼ା ଗ୍ରାମର ପାରେଶ୍ୱର ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ସୋଭାଗ୍ୟ ବିଶ୍ୱାଳ, ନରେଶ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ଟୁଟୁ ବିଶ୍ୱାଳ ପ୍ରମୁଖ କହିଛନ୍ତି, ୭ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ ଥିବା ୧୫ ଜଣ ଶିଶୁଙ୍କ ପରିବାରକୁ ଗତ ୨ ମାସ ହେବ ନିମ୍ନମାନର ଛତୁଆ ଓ ସୁଜି ହାଲୁଆ ବଣ୍ଟନ କରାଯାଉଛି। ଯେଉଁଥିରେ ପୋକ ସାଲୁବାଲୁ ହେଉଛନ୍ତି। ସବୁଠୁ ବିଡ଼ମ୍ବନାର ବିଷୟ ପ୍ୟାକେଟରେ ସ୍ପଷ୍ଟ ଭାବେ ଲେଖାଯାଇଛି ତିଆରି ହେବାର ମାସେ ଭିତରେ ଖାଦ୍ୟ ବ୍ୟବହାର କରିବା କଥା। ମାତ୍ର ପ୍ରସ୍ତୁତି କେବେ ହୋଇଛି ତାହାର କିଛି ସୂଚନା ନାହିଁ। ପ୍ୟାକେଟରେ ତାରିଖ ଓ ମାସ ସ୍ଥାନରେ କିଛି ଉଲ୍ଲେଖ ନ ଥିବା ବେଳେ ପେନ୍‌ରେ ପ୍ରସ୍ତୁତି ତାରିଖ ଲେଖା ରହିଛି। ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ବୁଢୀ ଜାଗୁଲାଇ ସ୍ୱୟଂ ସହାୟିକା ଗୋଷ୍ଠୀ (ଖ) ସାତକୁଡିଆ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ୟାକେଟରେ ସ୍ପଷ୍ଟ ଭାବେ ଏହା ଉଲ୍ଲେଖ ରହିଛି। ପ୍ରତିମାସରେ ଛତୁଆ ଓ ହାଲୁଆ ପ୍ରସ୍ତୁତ କରିବାର ନିୟମ ଥିଲେ ସୁଦ୍ଧା ଏହା ନ କରି ପୁରୁଣା ଷ୍ଟକକୁ ସ୍ୱୟଂ ସହାୟକ ଗୋଷ୍ଠୀ ଶିଶୁମାନଙ୍କୁ ଯୋଗାଇ ଦେଉଛନ୍ତି। ଶିଶୁମାନଙ୍କୁ ମିଳୁଥିବା ହାଲୁଆ ଯଦି ଏତେ ନିମ୍ନମାନର ତେବେ ପ୍ରସୂତି ମହିଳାଙ୍କୁ ମିଳୁଥିବା ଛତୁଆ, ଲଡୁ କେତେ ସ୍ୱାସ୍ଥ୍ୟ ଉପଯୋଗୀ ତାହା ସହଜେ ଅନୁମେୟ। ସରକାର ଏପରି ନିମ୍ନମାନର ଜିନିଷ ମାଗଣାରେ ଦେବା କିଛି ମୂଲ୍ୟ ନାହିଁ ବୋଲି ସେମାନେ କହିଛନ୍ତି। ଏ ନେଇ ତଳବାଲିପଡା ଅଙ୍ଗନୱାଡି ସହାୟିକାଙ୍କୁ ପଚାରିବାରୁ ସେ କୁହନ୍ତି, ଛତୁଆ ଯୋଗାଣକାରୀ ସଂସ୍ଥା ପକ୍ଷରୁ ସେଣ୍ଟରକୁ ଯାହା ଯୋଗାଇ ଦିଆଯାଉଛି ସେ ଲୋକଙ୍କୁ ତାହା ଦେଉଛନ୍ତି। ଏ ବିଷୟରେ ସେ ଅବଗତ ନାହାନ୍ତି। ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ସେ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଏବାବଦରେ ସିଡିପିଓ ମନୋରମା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଅଳ୍ପଦିନ ହେବ କାର୍ଯ୍ୟରେ ଯୋଗ ଦେଇଛି। ଯେଉଁ ଅଭିଯୋଗ ଆସିଛି ସେ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ। ତଦନ୍ତ କରାଯିବ। ଯଦି ଭୁଲ ଥାଏ ତେବେ ନିହାତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଭାବକ ନରେଶ ବିଶ୍ୱାଳ କୁହନ୍ତି, ଗତ ୧୫ ଦିନ ହେବ ସୁପରଭାଇଜର, ନୂଆ ସିଡିପିଓ ଓ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗୁରୁବାର ୧୫ ଜଣ ଅଭିଭାବକ ମିଳିତ ଭାବେ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଏ ସଂକ୍ରାନ୍ତରେ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଛି।

# ଜେଲ ଗଲେ ୪ ଗଞ୍ଜେଇ ବ୍ୟବସାୟୀ



ଜବତ ଗଞ୍ଜେଇ ସହ ଗିରଫ ୪ ଅଭିଯୁକ୍ତ।

- ୨ କାର ସହ ୬୧ କେଜି ଗଞ୍ଜେଇ ଜବତ
- କନ୍ଧମାଳରୁ ଭୁବନେଶ୍ୱର ଯାଉଥିଲା ଗଞ୍ଜେଇ
- ବିଏମ୍‌ସି ଲେଖାଥିବା କାରରେ ହେଉଥିଲା ଚାଲାଣ

ନୟାଗଡ଼,୧୯।୭(ଲୋକନାଥ ମିଶ୍ର):

ନୟାଗଡ଼ ସଦର ଅବକାରୀ ଥାନା ପକ୍ଷରୁ ନୂଆଗାଁ ଓ ବାଣିଗୋଛା ଅଞ୍ଚଳର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରୁ ୨ଟି କାର ସହ ୬୧ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୪ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ବଦଲା ଗାଁର ସୁଶାନ୍ତ ବେହେରା(୩୫), କନ୍ଧମାଳ ଜିଲା ଟିକାବାଲି ଥାନା ପାଣ୍ଡୁଗୁଡା ଗାଁର ଦୀପକ କୁମାର ସାହୁ(୩୯), ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡାଖୋଲା ଭାଟସାହିର ରୁଦ୍ର ନାରାୟଣ ନାୟକ(୨୧), ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଡୁମୁଡୁମାର କବିର ସାହୁ(୨୧)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୁଶାନ୍ତ ଓ ରୁଦ୍ର ନାରାୟଣ କାର ଚାଳକ ହୋଇଥିଲେ ହେଁ ଏମାନଙ୍କ ଗଞ୍ଜେଇ ବ୍ୟବସାୟୀଙ୍କ ସହ ସମ୍ପୃକ୍ତ ଅଛନ୍ତି। କନ୍ଧମାଳରୁ ଗଞ୍ଜେଇ ଭୁବନେଶ୍ୱର ଯାଉଥିଲା ବୋଲି ନୟାଗଡ଼ ଅବକାରୀ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି। ନୂଆଗାଁ ଦମକଳ କେନ୍ଦ୍ର ସମ୍ମୁଖରୁ ଓଡି୦୨ ସିଇ ୨୦୦୬ କାରରୁ ୩୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ଡ୍ରାଇଭର ସୁଶାନ୍ତ ବେହେରା ଓ ଦୀପକ ସାହୁ ଗିରଫ ହୋଇଥିଲେ। ବାଣିଗୋଛା ଥାନା ଦଶପଲ୍ଲା ବ୍ଲକର ବାଣିବିରି ଗାଁ ନିକଟସ୍ଥ ରୁତୁରାଜ ହୋଟେଲ ନିକଟରୁ ଓଡି୦୨ବିଜେଡ୍ ୧୮୨୩ ନଂ କାରରୁ ୩୧ କେଜି ଗଞ୍ଜେଇ ଅନୁରୂପ ଭାବେ ଜବତ ହୋଇଛି। ଏହି ଘଟଣାରେ ରୁଦ୍ର ନାରାୟଣ ଓ କବିର ଗିରଫ ହୋଇଛନ୍ତି। ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ ଲେଖାଥାଇ ଗଞ୍ଜେଇ ଆସୁଥିବା କାରଟି ସମ୍ପର୍କରେ ତଦନ୍ତ ଚାଲିଛି।

# ଧରାପଡ଼ିଲା ମଣିଷଖିଆ କୁମ୍ଭୀର

- ୭ଘଣ୍ଟାର ଅପରେଶନ ସଫଳ
- ଧରାପଡିଥିବା କୁମ୍ଭୀର ଲମ୍ବ ୧୩ ଫୁଟ୍ ୩ ଇଞ୍ଚ

ରାଜନଗର,୧୯।୭(ଭାସ୍କର ରାଉତରାୟ)



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ହାତିଆଗଡ଼ି ଗ୍ରାମରେ ୨୮ଦିନ ତଳେ ସୀତାରାଣୀ ଦାସ(୪୫) ନାମ୍ନୀ ଜଣେ ମହିଳା ବାସନ ମାଜୁଥିବା ସମୟରେ କୁମ୍ଭୀର ଝାମ୍ପି ନେଇଥିଲା। ଏହି ଘଟଣା ଗ୍ରାମବାସୀଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ସେଇ ନରହନ୍ତା କୁମ୍ଭୀର ବୁଧବାର ବନବିଭାଗ ହାତରେ ଧରାପଡିଛି। ସେହି କୁମ୍ଭୀରର ଲମ୍ବ ୧୩ଫୁଟ୍‌୩ଇଞ୍ଚ ବୋଲି ବନ ବିଭାଗ କହିଛି।

କୁମ୍ଭୀରକୁ ଧରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗରେ ବନବିଭାଗ ଗତ ୨୧ ତାରିଖରୁ କସରତ କରୁଥିଲା। ଯେଉଁ ପୋଖରୀରୁ ସୀତାରାଣୀଙ୍କୁ କୁମ୍ଭୀର ଝାମ୍ପି ନେଇଥିଲା ତାହା ଦଳରେ ପୂର୍ଣ୍ଣଥିଲା। ପୋଖରୀ ସହିତ ସଂଯୋଗ କରୁଥିବା ନାଳ ବି ଦଳରେ ପରିପୂର୍ଣ୍ଣ ଥିଲା। ଫଳରେ ବନବିଭାଗ ମଣିଷଖିଆ କୁମ୍ଭୀରକୁ ଧରିବାରେ ବିଫଳ ହୋଇଥିଲା। ଗତ ୫ଦିନ ତଳେ ନାଳରେ କୁମ୍ଭୀର ଭାସିବା ଖବର ପାଇ ବନବିଭାଗ କର୍ମଚାରୀମାନେ ଜାଲ ବସାଇ ଧରିବା ପାଇଁ ପ୍ରୟାସ କରିଥିଲେ। ମଙ୍ଗଳବାର ସେହି ପୋଖରୀରେ ଏକ ବିରାଟକାୟ କୁମ୍ଭୀର ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ। ହେଲେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କୁମ୍ଭୀରଟି ମହୁଲିଆ କେନାଲରେ ଭାସୁଥିବା ଲୋକ ଦେଖିଥିଲେ। ଏହାପରେ ଲୋକମାନେ ବନବିଭାଗକୁ ଖବର ଦେଇଥିଲେ। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ନେତୃତ୍ୱରେ ବନବିଭାଗର ୪୦ଜଣିଆ ଟିମ୍ କେନାଲରୁ ଦଳ ସଫା କରିବା ପରେ କୁମ୍ଭୀରକୁ ଧରିବା ପାଇଁ ଜାଲ ବିଛାଇଥିଲେ। ଦୀର୍ଘ ୭ ଘଣ୍ଟାର ଅପରେଶନ ପରେ ମଣିଷଖିଆ କୁମ୍ଭୀରକୁ ବନବିଭାଗ କାବୁ କରିଥିଲା। ପରେ କୁମ୍ଭୀରଟିକୁ ବାଉଁଶଗଡି ନଦୀରେ ଛାଡି ଦିଆଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

## ଯୁକ୍ତ ୩ରେ ନାମ ଲେଖାଇଲେ ୪୨୯ ଛାତ୍ରୀଛାତ୍ର

ଧର୍ମଶାଳା,୧୯।୭(ବଟକୃଷ୍ଣ ପରିଡ଼ା):

ଉଚ୍ଚ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୩ ଡିଗ୍ରୀ କଲେଜଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନାମଲେଖା ବୁଧବାର ଶେଷ ହୋଇଛି। ଧର୍ମଶାଳା ବ୍ଲକରେ ଥିବା ୫ ଡିଗ୍ରୀ କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୨୧୬ ସିଟ୍ ଥିବା ବେଳେ ପ୍ରଥମ ଦଫାରେ ୮୦୪ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ୧୫ରୁ ୧୯ ତାରିଖ ପ୍ରଥମ ଦଫାରେ ୪୨୯ ଛାତ୍ରୀଛାତ୍ର ନାମ ଲେଖାଇଥିବା ଅଧକ୍ଷମାନେ ସୂଚନା ଦେଇଛନ୍ତି। ଧର୍ମଶାଳା ଡିଗ୍ରୀ କଲେଜରେ କଳାରେ ୧୭୪ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବାବେଳେ ଶେଷ ଦିନରେ ୧୦୮ଜଣ ନାମ ଲେଖାଇଛନ୍ତି। ଏହି କଲେଜରେ ବିଜ୍ଞାନରେ ୧୦୨ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ କଳାରେ ୪୫ ଓ ବାଣିଜ୍ୟରେ ୨୫ଜଣଙ୍କୁ ସୂଚନା ଦିଆଯାଇଥିଲାବେଳେ ୧୨ଜଣ ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ କଳାରେ ୮୩ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୫୦ଜଣ ନାମଜଣ ନାମ ଲେଖାଇଛନ୍ତି। ଜେନାପୁର ଡିଗ୍ରୀ କଲେଜରେ କଳାରେ ୧୨୮ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୬୭ ଜଣ ନାମ ଜଣ ନାମ ଲେଖାଇଛନ୍ତି। ଚଢ଼େଇଧରାସ୍ଥିତ ଜଗନ୍ନାଥଜୀଉ ଡିଗ୍ରୀ କଲେଜରେ କଳାରେ ୫୮ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୪୭ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୮୩ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୫୦ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୧୫୪ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୭୦ଜଣ ଓ ବିଜ୍ଞାନରେ ୮୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୦ଜଣ ନାମ ଲେଖାଇଛନ୍ତି।

# ଜଗତ୍‌ସିଂହପୁର ଜିଲାକୁ ଭୂମି ସମ୍ମାନ



ରାଷ୍ଟ୍ରପତିଙ୍କଠାରୁ ପ୍ରଶାସନିକ ଅଧିକାରୀ ଭୂମି ସମ୍ମାନ ଗ୍ରହଣ କରୁଛନ୍ତି।

ଜଗତ୍‌ସିଂହପୁର, ୧୯।୭
(ପ୍ରମୋଦ କୁମାର ନାୟକ):

ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭୂମି ସଂସ୍କାର କ୍ଷେତ୍ରରେ ଭଲ କାମ କରୁଥିବା ଜିଲାଗୁଡ଼ିକକୁ ସମ୍ମାନିତ କରାଯାଉଛି। ଜିଲାଗୁଡ଼ିକରେ ଜମି ପଞ୍ଜୀକରଣ କାର୍ଯ୍ୟକ୍ରମର ସରଳିକରଣ, ସ୍ୱଚ୍ଛତା ଅନୁପାଳନ, ଆଧୁନିକ ରେକର୍ଡରୁମ ପରିଚାଳନା, ପଟ୍ଟା ସହିତ ଜମିଜମା କାଗଜପତ୍ରର କମ୍ପ୍ୟୁଟରୀକରଣ, ସ୍କାନିଂ, ତହସିଲ ଓ ରେଜିଷ୍ଟ୍ରେଶନ୍ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ଆଦିକୁ ବିଚାରକୁ ନେଇ କେନ୍ଦ୍ର ସରକାର ଭଲ କାମ କରୁଥିବା ଜିଲାଗୁଡ଼ିକୁ ଭୂମି ସମ୍ମାନରେ ସମ୍ମାନିତ କରିଛନ୍ତି। ଚଳିତବର୍ଷ ଦେଶର ୬୮ଟି ଜିଲାକୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର ଅନ୍ୟତମ। ଜମିଜମା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ୮ଟି ତହସିଲ ଆଶାନୁରୂପ ପ୍ରଦର୍ଶନ କରିଥିବାରୁ ଏହି ସମ୍ମାନ ମିଳିଛି। ଏ ନେଇ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନ ପରିସରରେ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କ ସହ ରଘୁନାଥପୁର ତହସିଲଦାର ରୂପାଲିକା ଦାଶ ଓ ଜଗତ୍‌ସିଂହପୁର ତହସିଲଦାର ତାରିଣୀ ରଞ୍ଜନ ରାୟ ଉପସ୍ଥିତ ଥିଲେ।

# ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରଶାସନିକ ତତ୍ପରତା

ଖଣ୍ଡପଡ଼ା,୧୯।୭
(ଅଜୟ କୁମାର ମହାରଣା):

୫-ଟି ସଚିବ ଭି.କେ.ପାଣ୍ଡିଆନ ୨ଦିନିଆ ନୟାଗଡ଼ ଜିଲା ଗସ୍ତରେ ଆସୁଛନ୍ତି। ଆସନ୍ତା ଗୁରୁବାର ଓ ଶୁକ୍ରବାର ସେ ଖଣ୍ଡପଡ଼ା, ଭାପୁର ଓ କଣ୍ଟିଲୋ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ, କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମ ଓ ଭାପୁର ହାଇସ୍କୁଲ ମହୋତ୍ସବ ଖେଳପଡ଼ିଆରେ ହେଲି ପ୍ୟାଡ ନିର୍ମାଣ କରାଯାଇଛି। ତେବେ ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ପ୍ରଶାସନିକ ଅଧିକାରୀମାନଙ୍କଠାରୁ ମିଳିନାହିଁ। ଗୁରବାର ଅପରାହ୍ନରେ ୫-ଟି ସଚିବ ଖଣ୍ଡପଡ଼ା ଗସ୍ତରେ ଆସୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ଷ୍ଟାଡିୟମ ପରିସରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପଠାଣି ସାମନ୍ତଙ୍କ ଜନ୍ମଭୂମି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ପାଇଁ ୫-ଟି ସଚିବ କ'ଣ ଘୋଷଣା କରିବେ ତାହା ଜାଣିବା ପାଇଁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। କଣ୍ଟିଲୋ ଶ୍ରୀନୀଳମାଧବ ପୀଠକୁ ସେ ଶୁକ୍ରବାର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

# କୁରୁଜଙ୍ଗାରେ କଂଗ୍ରେସର କର୍ମୀ ସମାବେଶ

ଡେରାବିଶ, ୧୯।୭
(ବେବର୍ତ୍ତା ଅଜୟ ଦାସ)



ସମାବେଶରେ କଂଗ୍ରେସ ନେତାମାନେ।

ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର ଗ୍ରାମର ଜଟିଆ ମହାପୁରୁଷଙ୍କ ପୀଠରେ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏକ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଦୀନାଳ ଘେରା ଅବହେଳିତ ପାଟକୁରା ନିର୍ବାଚନ ମଣ୍ଡଳୀ ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଛି। ବିଜେଡି ଶାସନାଧୀନ ସରକାରଙ୍କର କେବଳ ଧୂଆଁବାଣ ଏହି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଆହୁରି ଅବହେଳିତ କରିଛି। ତେବେ କଂଗ୍ରେସ ଶାସନକୁ ଆସିଲେ ପାଟକୁରାର ବିକାଶ ସମ୍ଭବ ହେବ ବୋଲି କାନୁନ୍‌ଗୋ କହିଥିଲେ। କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ବିରୋଧରେ ନିଜର ବକ୍ତବ୍ୟ ରଖି କାନୁନ୍‌ଗୋ କଂଗ୍ରେସର ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସମାବେଶରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ପରିଡା, ରଘୁନାଥ ଶତପଥୀ, ଅନନ୍ତ ଚରଣ ପାତ୍ର, ରାଜୀବ ଲୋଚନ ମିଶ୍ର, ରଶ୍ମିରଞ୍ଜନ ପଣ୍ଡା, ଗୋଲଖ ସ୍ୱାଇଁ, ରଞ୍ଜନ ମଲ୍ଲିକ ଯୋଗଦେଇଥିଲେ। ସେମାନେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଡେରାବିଶ ଓ ବ୍ଲକ ସମେତ ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ସମ୍ମୁଖରେ ଗଣଧାରଣା ଦିଆଯିବା ଉପରେ ଆଲୋକପାତ କରିଥିଲେ। ଏହିଅବସରରେ ଏହି ପଞ୍ଚାୟତର ଅଶୋକ ମଲ୍ଲିକ, ଗୋପାଳ ମଲ୍ଲିକ, ମାନସ ଦାସ ଓ ନରସିଂହପୁରର ୱାର୍ଡସଭ୍ୟ ନଗେନ୍ଦ୍ର କୁମାର ଜେନା ବିଜେଡି ଓ ଭାଜପା ଛାଡି କଂଗ୍ରେସ ନେତା ରତିକାନ୍ତଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ। ଏହି ଅବସରରେ କୁରୁଜଙ୍ଗା ପଞ୍ଚାୟତର ଯୁବନେତା ତଥା ସଂଗଠକ କୃଷ୍ଣଚନ୍ଦ୍ର ଦାସଙ୍କୁ ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା।

# ବ୍ରିଟିଶ ନିର୍ମିତ ବଙ୍ଗଳା ପରିସରରେ ନିର୍ମାଣ ହେବ ପର୍ଯ୍ୟଟନ କ୍ଷେତ୍ର

**ଧରିତ୍ରୀ ପ୍ରଭାବ**

- ଅତ୍ୟାଧୁନିକ ଶୈଳୀରେ ହେବ ପାର୍କ
- କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ

ମହାକାଳପଡ଼ା,୧୯।୭
(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜମ୍ବୁ ଲକ୍‌ଠାରେ ବ୍ରିଟିଶ୍ ନିର୍ମିତ ବଙ୍ଗଳା ପରିସରରେ ମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳ ଜମ୍ବୁ ଲକ୍‌ଠାରେ ୧୮୮୫ରେ ବ୍ରିଟିଶ୍ ଶାସନ ସମୟରେ ଏକ ଷ୍ଟର୍ମ ୱେଭ୍ ବା ବାତ୍ୟା ଆଶ୍ରୟସ୍ଥଳ ବା ବଙ୍ଗଳା ନିର୍ମାଣ କରାଯାଇଥିଲା। ସ୍ୱାଧୀନତା ପରେ ରାଜ୍ୟ ସରକାରଙ୍କ ଜଳ ସେଚନ ବିଭାଗ ଅଧୀନରେ ପରିଚାଳିତ ହେଉଛି। ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ ଗୃହଟି ଭାଙ୍ଗି ରୁଜି ଗଲାଣି। ଏ ନେଇ ବୁଧବାର 'ଧରିତ୍ରୀ' ରେ 'ବ୍ରିଟିଶ ନିର୍ମିତ ବଙ୍ଗଳା ଏବେ ଭୂତକୋଠି' ଶୀର୍ଷକ ଖବର ପ୍ରକାଶ ପାଇଛି। ଏହାପରେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ପୂର୍ବାହ୍ନରେ ଏହି ବଙ୍ଗଳା ପରିଦର୍ଶନ କରିବା ସହିତ ପରିସର ମଧ୍ୟରେ ପର୍ଯ୍ୟଟକମାନଙ୍କ ଚିତ୍ତ ବିନୋଦନ ପାଇଁ ଏକ ଅତ୍ୟାଧୁନିକ ପାର୍କ ଓ ନୂତନ ଗୃହ ଅତ୍ୟାଧୁନିକ ଶୈଳିରେ ନିର୍ମିତ ହେବ ବୋଲି ସୂଚନା ମିଳିଛି। ପର୍ଯଟନ କ୍ଷେତ୍ର ହୁକିଟୋଲା ଓ ଫଲ୍ସ ପଏଣ୍ଟ ବତିଘରକୁ ଦୂର ଦୁରନ୍ତରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସୀମିତ ରହଣି ପାଇଁ ଏହା ସହାୟକ ହେବ ବୋଲି କୁହାଯାଇଛି। ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ନେଇ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଉକ୍ତ ସ୍ଥାନରେ ଚିତ୍ତ ବିନୋଦନ ପାଇଁ ଏକ ପାର୍କ ଓ ଗୃହ ନିର୍ମାଣ ହେବା ପାଇଁ ସରକାରୀ ସ୍ତରରେ ପ୍ରକୃଷ୍ଟ ଜମି ରହିଛି ବୋଲି ସୂଚନା ଦେଇଛନ୍ତି।

## ଟେଲିଫୋନ ଟାୱାରରୁ ୨୮ ବ୍ୟାଟେରି ଚୋରି

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ଥାନା ପୋଲିସ ବୁଧବାର ଟେଲିଫୋନ ଟାୱାର ନିର୍ମାଣସ୍ଥଳରୁ ବ୍ୟାଟେରି ଚୋରି ଅଭିଯୋଗକୁ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନାଲମ ଗ୍ରାମରେ ଏକ ଟେଲିକମ କମ୍ପାନୀ ଟାୱାର ନିର୍ମାଣ କାର୍ଯ୍ୟ କରୁଛି। ତେବେ ଗତ ୩ ତାରିଖରେ ନିର୍ମାଣ ସ୍ଥଳରେ ତାଲା ଭଙ୍ଗାଯାଇ ୨୮ଟି ବ୍ୟାଟେରି ଚୋରି ହୋଇଥିବା ନେଇ କଣିହାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ ୧୫୩/୨୩ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ବିଲ୍‌ରେ ତ୍ରୁଟି ଅଭିଯୋଗ

ତାଳଚେର,୧୯।୭(ମନୋଜ ନନ୍ଦ)- ନୂଆକରି ବିଦ୍ୟୁତ୍ ସଂଯୋଗ ନେବାର ମାସକ ପରେ ବିଭାଗ ପକ୍ଷରୁ ଦିଆଯାଇଥିବା ବିଲ୍‌ରେ ତ୍ରୁଟିଥିବା ଅଭିଯୋଗ କରିଛନ୍ତି ତାଳଚେର ପୌରାଞ୍ଚଳ ୨୦ ନମ୍ବର ୱାର୍ଡ ସନ୍ତୋଷୀ ବିହାର ବାସିନ୍ଦା ସମର କେଶରୀ ସାହୁ। ଏ ନେଇ ସେ ତାଳଚେର ବିଦ୍ୟୁତ୍ ସେକ୍ସନର ଜୁନିଅର ମ୍ୟାନେଜର କମର୍ସଙ୍କୁ ଲିଖିତ ଭାବେ ଜଣାଇବା ସହ ଦିଆଯାଇଥିବା ବିଲ୍‌ରୁ ବକେୟା ଅର୍ଥକୁ ତୁରନ୍ତ ବାଦ ଦେବାକୁ ନିବେଦନ କରିଛନ୍ତି। ଅଭିଯୋଗରେ ସାହୁ ଦର୍ଶାଇଛନ୍ତି, ଗତ ଜୁନ ୧୬ରେ ସେ ବିଦ୍ୟୁତ୍ ସଂଯୋଗ ନେବାକୁ ଅନ୍‌ଲାଇନରେ ଆବେଦନ କରି ୬୫୮୫ ଟଙ୍କା ପଇଠ କରିଥିଲେ। ଏହାର ପରଦିନ ତାଙ୍କ ଘରକୁ ନୂଆକରି ବିଦ୍ୟୁତ୍ ସଂଯୋଗ ଦିଆଯିବା ସହ ମିଟର ବସା ଯାଇଥିଲା। କିନ୍ତୁ ଚଳିତ ମାସ ୧୪ ତାରିଖରେ ୩୭୪୫ ଟଙ୍କା ବିଦ୍ୟୁତ୍ ବିଲ ଆସିଥିବା ବେଳେ ସେଥିରେ ବକେୟା ବାବଦକୁ ୨୦୪୬ ଟଙ୍କା ଦେବାକୁ ଉଲ୍ଲେଖ ରହିଛି। ନୂଆକରି ବିଦ୍ୟୁତ୍ ସଂଯୋଗ ନେଇଥିବାରୁ ତାଙ୍କର ବିଲ୍ କେମିତି ବଳକା ରହିଲା ବୋଲି ସାହୁ ପ୍ରଶ୍ନ କରିବା ସହ ତୁରନ୍ତ ବିଲ୍‌ରୁ ବକେୟା ଅର୍ଥକୁ ବାଦ୍ ଦେବାକୁ ଦାବି କରିଛନ୍ତି।

# ୧୬ ବର୍ଷ ହେଲା ସରୁନାହିଁ ସଂଘର୍ଷ

- ଅସନ୍ତୋଷ ଝାଡ଼ିଲେ ରୁଙ୍ଗ୍‌ଟା କ୍ଷତିଗ୍ରସ୍ତ
- କମ୍ପାନୀ ଫାଟକ ସମ୍ମୁଖରେ ଧାରଣା


ରୁଙ୍ଗ୍‌ଟା କମ୍ପାନୀ ସମ୍ମୁଖରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଧାରଣା।

ଢେଙ୍କାନାଳ/ସାତମାଇଲ, ୧୯।୭(ରତନ ନାୟାର/ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରୁଙ୍ଗ୍‌ଟା କ୍ଷତିଗ୍ରସ୍ତଙ୍କ ସଂଘର୍ଷ ୧୬ ବର୍ଷ ହେଲା ଶେଷ ହେଉନାହିଁ। କମ୍ପାନୀର ପ୍ରତିଶ୍ରୁତି ପାଣିର ଗାର ସାଜିଛି। ଏହାର ପ୍ରତିବାଦରେ ତର୍କବେଡ଼ା ଗ୍ରାମ ବାଲିସାହି ଅଞ୍ଚଳର ୫୩ ବିସ୍ଥାପିତ ପରିବାର ବୁଧବାର କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେବା ସହ ହକ୍ ଦାବି କରିଥିଲେ।

ଅଭିଯୋଗ ଅନୁଯାୟୀ, ୨୦୦୭ରେ ଷ୍ଟିଲ୍ କାରଖାନା ପାଇଁ ରୁଙ୍ଗ୍‌ଟା ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିଲା। ତେବେ ବିସ୍ଥାପିତଙ୍କୁ ଚାକିରି ପ୍ରଦାନ କରିବାରେ କମ୍ପାନୀ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ। ସେବେଠାରୁ କ୍ଷତିଗ୍ରସ୍ତ ପରିବାର ଓଡ଼ିଶା ପୁନର୍ବାସ ଥଇଥାନ ନୀତି ଅନୁଯାୟୀ ଏକକାଳୀନ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରି ଆସୁଛନ୍ତି। ଏ ନେଇ ହିନ୍ଦୋଳ ଉପଜିଲାପାଳ କାର୍ଯ୍ୟାଳୟରେ ବିସ୍ଥାପିତ, କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନେଇ ୩ଥର ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ଅନ୍ତିମ ବୈଠକରେ ଏକକାଳୀନ ଆର୍ଥିକ ସହାୟତା ରାଶି ପ୍ରଦାନ ସମ୍ପର୍କରେ କମ୍ପାନୀର ପଦସ୍ଥ ଅଧିକାରୀ ସହମତି ପ୍ରକାଶ କରିଥିଲେ। ହେଲେ ଅଦ୍ୟାବଧି ଏହା ପୂରଣ ହୋଇନାହିଁ। ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ବିସ୍ଥାପିତ ପରିବାର କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। କାହ୍ନୁଚରଣ ରାଉତ, ଗୌରାଙ୍ଗ ଚନ୍ଦ୍ର ବେହେରା, ରଞ୍ଜନ ବେହେରା, ବାସୁଦେବ ବେହେରା, ବିଘ୍ନେଶ୍ୱର ସାହୁ, ଶିବରାମ ସାହୁ, ନୃସିଂହ ସାହୁ, ସୁଧାଂଶୁ ମାଝିଙ୍କ ସମେତ ବହୁସଂଖ୍ୟାରେ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ବିଧାୟିକା ସୀମାରାଣୀ ନାୟକ, ତହସିଲଦାର ସୁଶାନ୍ତ ମିଶ୍ର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ବିସ୍ଥାପିତ, କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ୨୦ଲକ୍ଷ ଟଙ୍କା ଏବଂ ଜଣେ ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏଥିଲାଗି ଦେଢ଼ମାସ ସମୟ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବିସ୍ଥାପିତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପୂର୍ବତନ ଆଇଆଇସିଙ୍କୁ ୪ ବର୍ଷ ଜେଲ

**ମାମଲାରୁ ୩୦୭ ଦଫା କାଟିବାକୁ ଲାଞ୍ଚ ନେଇ ଧରାପଡ଼ିଥିଲେ**

- ବ୍ୟକ୍ତିଗତ ଡ୍ରାଇଭର, ସହଯୋଗୀ ମଧ୍ୟ ଦଣ୍ଡିତ

ଢେଙ୍କାନାଳ, ୧୯।୭(ରତନ ନାୟାର)

ଏକ ମରଣାନ୍ତକ ଆକ୍ରମଣ ମାମଲାରୁ ୩୦୭ ଦଫା (ହତ୍ୟା ଉଦ୍ୟମ) ହଟାଇବା ଲାଗି ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନାର ପୂର୍ବତନ ଅଧିକାରୀ ଚିତ୍ତରଞ୍ଜନ ବେହେରା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଦାଲତ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟରେ ସହଯୋଗ କରିଥିବା ଚିତ୍ତରଞ୍ଜନଙ୍କ ବ୍ୟକ୍ତିଗତ ଡ୍ରାଇଭର ପ୍ରକାଶ ମହାଳିକ, ସହଯୋଗୀ ଲକ୍ଷ୍ମଣ ସେଠୀଙ୍କୁ ମଧ୍ୟ କୋର୍ଟ ୪ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଏଥିରେ ଖିଲାପ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଏକ ଯୌତୁକଜନିତ ମରଣାନ୍ତକ ଆକ୍ରମଣ ମାମଲାରେ ଲାଗିଥିବା ୩୦୭ ଦଫାକୁ କାଟିବା ପାଇଁ ଲାଞ୍ଚ ନେଉଥିବାବେଳେ ତତ୍କାଳୀନ ଥାନାଧିକାରୀ ବେହେରାଙ୍କ ସମେତ ୩ ଜଣଙ୍କୁ ଭିଜିଲାନ୍ସ ଧରିଥିଲା। ୨୫ ଫେବୃୟାରୀ ୨୦୨୧ରେ ଘଟିଥିବା ଏହି ଘଟଣା ସେତେବେଳେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏ ନେଇ କଟକ ଭିଜିଲାନ୍ସ କେସ୍ ନଂ. ୪/୨୪୦୨।୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଟିଆର କେସ୍ ନଂ. ୨/୨୨ର ବିଚାର କରି ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ବିକ୍ରମ ପଟ୍ଟନାୟକ ଏହି ରାୟ ଶୁଣାଇଛନ୍ତି। ଭିଜିଲାନ୍ସ ଇନ୍ସପେକ୍ଟର ବି.କେ. ସେଠୀ ତଦନ୍ତକାରୀ ଅଧିକାରୀ ଓ ଅନିରୁଦ୍ଧ ନାୟକ ପିଏଲ୍‌ଓ ରହିଥିଲେ। ଭିଜିଲାନ୍ସ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ହେମନ୍ତ କୁମାର ଖଟୁଆ ମାମଲା ପରିଚାଳନା କରିଥିବାବେଳେ ପୂର୍ବତନ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (କ୍ୟାଡର) ଗଦାଧର ସାହୁ ଏଥିରେ ସହଯୋଗ କରିଥିଲେ।

# ଗଠନ ହେଲା କମିଟି, ସଚେତନତାକୁ ଗୁରୁତ୍ୱ

- ଚିନ୍ତା ବଢ଼ାଇଛି ହାତୀ-ମଣିଷ ସଂଘର୍ଷ
- ବିଦ୍ୟୁତ୍ ବିଭାଗ ସହ ରଖାଯିବ ସମନ୍ୱୟ
- ଗ୍ରାମାଞ୍ଚଳରେ ସଚେତନତା ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ,୧୯।୭(ରତନ ନାୟାର)

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ଚିନ୍ତାଜନକ ହୋଇଛି। ଏହାକୁ ରୋକିବା ଲାଗି ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏଥିଲାଗି ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏକ କମିଟି ଗଠିତ କରାଯାଇଛି। ଉକ୍ତ କମିଟିରେ ଜିଲାପାଳ ଅଧ୍ୟକ୍ଷ ଥିବାବେଳେ ଏସ୍‌ପି, ଡିଏଫ୍‌ଓ ଏବଂ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ସଭ୍ୟ ରହିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଏବଂ ଗ୍ରାମାଞ୍ଚଳରେ ବନ ସୁରକ୍ଷା ସମିତି ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଜୋର୍‌ଦାର କରିବା ଲାଗି ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥିସହ ହାତୀ ଆକ୍ରମଣରେ ମୃତକଙ୍କ ପରିବାର, ଆହତଙ୍କୁ ତ୍ୱରିତ ସହାୟତା ଦେବା, ଏ କ୍ଷେତ୍ରରେ ଆବଶ୍ୟକ ପଡୁଥିବା ମେଡିକାଲ ସାର୍ଟିଫିକେଟ୍ ସମେତ ଅନ୍ୟ କାଗଜପତ୍ର ଠିକ୍ ସମୟରେ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ଫସଲକୁ ସୁରକ୍ଷା ଦେବା, ଜାତୀୟ ରାଜପଥରେ ହାତୀ ଚଳପ୍ରଚଳ ସମୟରେ ଧନଜୀବନ ସୁରକ୍ଷା ଲାଗି ବିହିତ ପଦକ୍ଷେପ ଗ୍ରହଣ କରିବା ଆଦି ବିଷୟରେ ଆଲୋଚନା ହୋଇଥିବା ଡିଏଫ୍‌ଓ ସୁମିତ କୁମାର କର ସୂଚନା ଦେଇଛନ୍ତି। ବୈଠକରେ ଏଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଡମ୍ବରୁଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


ଜାତୀୟ ରାଜପଥରେ ହାତୀ।

## କେନାଲରେ ବୁଡ଼ି ଚାଷୀ ନିଖୋଜ

ପରଜଙ୍ଗ, ୧୯।୭(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ଗ୍ରାମର ଚାଷୀ ଅନ୍ତର୍ଯ୍ୟାମୀ ସାହୁ (୬୦) ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ରେଙ୍ଗାଲି ବାମ କେନାଲରେ ବୁଡ଼ିଯାଇ ନିଖୋଜ ହୋଇଯାଇଛନ୍ତି। ସେ ଗାଧୋଉଥିବାବେଳେ ଏହି ଅଘଟଣ ଘଟିଥିଲା। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କେନାଲ ହୁଡ଼ାରେ ପିନ୍ଧିଥିବା ପୋଷାକ ଠାବ କରିବା ପରେ ଅନ୍ତର୍ଯ୍ୟାମୀ ବୁଡ଼ିଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ବିଭିନ୍ନ ସ୍ଥାନରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଆର୍‌ଆଇ ବିବେକାନନ୍ଦ ସାହୁ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

# ଅନୁଗୋଳରେ ଶିଶୁ କନ୍ୟା ବିକ୍ରି ଚର୍ଚ୍ଚା

**ଘରେ ତାଲା ପକାଇ ଦମ୍ପତି ଛୁ'**

ଅନୁଗୋଳ, ୧୯।୭ (ଅମିତ କୁମାର ସାମଲ)

ଅନୁଗୋଳ ସହରର ଶେଷ ମୁଣ୍ଡରେ ରହୁଥିବା ଏକ ଦମ୍ପତି ଜଣେ ନାବାଳିକା ଓ ୨ କନ୍ୟା ସନ୍ତାନଙ୍କୁ ବିକ୍ରି କରିଦେଇଥିବା ଚର୍ଚ୍ଚା ହେଉଛି। ଏପରି କି ଘଟଣା ସମ୍ପର୍କରେ ଆଲୋଚନା ଜୋର୍ ଧରିବା ପରେ ଭଡ଼ାଘରେ ତାଲା ପକାଇ ସମ୍ପୃକ୍ତ ଦମ୍ପତି କେଉଁଆଡ଼େ ପଳାଇ ଯାଇଥିବା କୁହାଯାଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମହିଳାଙ୍କ ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ବହୁବର୍ଷ ପୂର୍ବରୁ ହୋଇଯାଇଛି। ପରେ ସେ ସହରର ଜଣେ ଯୁବକଙ୍କ ସହ ରହି ଆସୁଛନ୍ତି। ପ୍ରଥମ ସ୍ୱାମୀଙ୍କ ୧୫ ବର୍ଷର ଝିଅ ମଧ୍ୟ ସେମାନଙ୍କ ସହିତ ରହୁଥିଲେ। ଅଢ଼େଇବର୍ଷ ପୂର୍ବରୁ ସମ୍ପୃକ୍ତ ଦମ୍ପତିଙ୍କ ଏକ କନ୍ୟାସନ୍ତାନ ଥିବାବେଳେ ଗତ ୩ ମାସ ତଳେ ଆଉ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସାହିର ମହିଳା ଓ ସମ୍ପୃକ୍ତ ଦମ୍ପତିଙ୍କୁ ଋଣ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ୩ ଝିଅଙ୍କୁ ଦମ୍ପତିଙ୍କ ସହ ଦେଖି ଆସୁଥିଲେ। ହେଲେ ଏବେ ଦମ୍ପତିଙ୍କ ନିକଟରେ ୩ କନ୍ୟା ସନ୍ତାନ ନ ଥିବା ମହିଳାମାନେ ଦେଖିବା ପରେ ପିଲା ବିକ୍ରି ଚର୍ଚ୍ଚା ସମ୍ମୁଖକୁ ଆସିଛି। ଏହି ଘଟଣା ଜଣାପଡ଼ିବା ପରେ ଦମ୍ପତି ଭଡ଼ା ଘରେ ତାଲା ଠୁଙ୍କି ସପ୍ତାହେ ହେବ କେଉଁଆଡ଼େ ପଳାଇ ଯାଇଛନ୍ତି। ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି କହିଛନ୍ତି, ଶିଶୁ ବିକ୍ରି ନିଶ୍ଚିତ ସମ୍ବେଦନଶୀଳ ଘଟଣା। ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବୁ। ଆବଶ୍ୟକ ପଡ଼ିଲେ ଦମ୍ପତିଙ୍କ ନାମରେ ମାମଲା କରାଯିବ। ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ଦମ୍ପତିଙ୍କୁ ଋଣ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ସେମାନଙ୍କ ଟଙ୍କା କିପରି ଫେରିପାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

# ବଇଣ୍ଡା ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା

ବଇଣ୍ଡା,୧୯।୭(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଅସହାୟ ସହାୟତା କମିଟିର ଏକ ବୈଠକ ବୁଧବାର ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ ମୋହନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ କୁମାର ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଧୋବେଇ ବେହେରା, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ସାହୁ, ମନୋଜ କୁମାର ମହାପାତ୍ର, ଜଗତ ମୋହନ ଦେହୁରୀ, ଗୁଣନିଧି ପ୍ରଧାନ, ବିଶ୍ୱଜିତ ପଟ୍ଟନାୟକ, ରାମଚନ୍ଦ୍ର ପ୍ରଧାନ, ବଂଶୀଧର ସେଠୀଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ଗତବର୍ଷ ଏହି କମିଟି ଦ୍ୱାରା ହୋଇଥିବା ରକ୍ତଦାନ ଶିବିର, ନୂଆଁଖାଇ ଭେଟଘାଟ, କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କମିଟି ଦ୍ୱାରା କିଭଳି ଏହି ଅଞ୍ଚଳର ବିକାଶ ହୋଇପାରିବ ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଏଥିସହ କମିଟିର ନୂତନ ସଭାପତି ଭାବେ କ୍ଷୀରୋଦ ମୋହନ ଦେହୁରୀ, ସମ୍ପାଦକ ଭାବେ ଧୋବେଇ ବେହେରା, କୋଷାଧ୍ୟକ୍ଷ ଭାବେ ଦୀପକ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। ସେହିପରି ନୂତନ କାର୍ଯକାରୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଥିବା କେତେଜଣ ସଦସ୍ୟଙ୍କୁ ବରଖାସ୍ତ କରାଯାଇଥିଲା।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଉନ୍ନତିମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ମୋ କଲେଜ ଅଭିଯାନର ସଦସ୍ୟମାନେ।

**'ମୋ କଲେଜ ଅଭିଯାନ' ବୈଠକ**

ଅନୁଗୋଳ,୧୯।୭(ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟଠାରେ ବୁଧବାର ମୋ କଲେଜ ଅଭିଯାନର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲଙ୍କ ସମେତ କଲେଜ ଲେଭେଲ କମିଟିର ସମସ୍ତ ସଦସ୍ୟ ତଥା ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆଗାମୀ ଦିନରେ ନାକ୍ ମାନ୍ୟତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କମିଟି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଯଥା କ୍ୟାମ୍ପସ ସୌନ୍ଦର୍ଯ୍ୟକରଣ, ପ୍ଲାଷ୍ଟିକ ମୁକ୍ତ ପରିବେଶ ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କମିଟି ସଭାପତି ସରୋଜ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଆଲୁମନି ସଦସ୍ୟମାନଙ୍କୁ ସହଯୋଗ କରିବାକୁ ଉତ୍ସାହିତ କରିଥିଲେ। ମୋ କଲେଜ ଅଭିଯାନର ଉପଦେଷ୍ଟା ଡ. ଚୈତନ୍ୟ ସାହୁ ନିଜ ଅନୁଭୂତି ବର୍ଣ୍ଣନା କରିବା ସହିତ ନାକ୍‌ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦରୁ ନୂତନ ଭାବରେ ୧୫୦ ସିଟ ପୁନଃ ଅନୁମୋଦନ ପାଇଥିବା କଲେଜ ନିମନ୍ତେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ବୈଠକରେ କଲେଜର ନାକ୍ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ସାହୁ, ମୋ କଲେଜ କାର୍ଯ୍ୟକାରିଣୀ କମିଟି ଆବାହକ ମିତାଲି ସ୍ୱାଇଁ, ଯୁଗ୍ମ ଆବାହକ ଡ. ସ୍ମୃତିରୂପା ପଣ୍ଡା, ମହାବିଦ୍ୟାଳୟ ଉନ୍ନୟନ ପ୍ରତିନିଧି ବନମାଳୀ ବାଗ, ଆଲୁମନି ପରିଚାଳନା କମିଟି ସଦସ୍ୟ ଡ. ସରୋଜ କୁମାର ରାଉତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାସ, ଜଗନ୍ନାଥ ବିଶ୍ୱାଳ, ହରିହର ସାହୁ, କାଞ୍ଚନବାଳା ସାହୁ, ଡ. ସବିତାଞ୍ଜଳି ନନ୍ଦ, ଦୁଃଶାସନ ସେଠ, ଦୁର୍ଗା ଚରଣ ବିଶୋଇ, ପରମାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଲେଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେବା ପାଇଁ ସଂଘ ନିଷ୍ପତ୍ତି ନେଇଥିଲା।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଛେଣ୍ଡିପଦା,୧୯।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କୁ ୨ ଜଣ ଯୁବକ ମୋଟରସାଇକେଲରେ ବସାଇ ଅପହରଣ କରି ନେଇଥିବା ନେଇ ପରିବାର ଲୋକେ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଥାନା ଅଞ୍ଚଳର ଜଣୈକା ନାବାଳିକା ସକାଳ ୯ଟାରେ ସାଙ୍ଗମାନଙ୍କ ସହ ଗ୍ରାମ ପାଖ ନଦୀକୁ ଗାଧୋଇବାକୁ ଯାଇଥିଲେ। ସମସ୍ତ ସାଙ୍ଗ ଗାଧୋଇ ସାରି ପୋଲ ଉପରକୁ ଆସିବା ପରେ ପୁରୁଣାଗଡ ଗ୍ରାମର ୨ଜଣ ଯୁବକ ସମ୍ପୃକ୍ତା ନାବାଳିକାଙ୍କୁ ମୋଟର ସାଇକେଲରେ ଜବରଦସ୍ତ ବସାଇ କୁଣ୍ଡେଇଗୋଳା ଥାନା ଅଞ୍ଚଳକୁ ନେଇ ସମ୍ପର୍କୀୟ ବନ୍ଧୁଙ୍କ ଘରେ ରଖିଥିଲେ। ଏ ନେଇ ନାବାଳିକା ପରିବାର ଲୋକଙ୍କୁ ଫୋନ ମାଧ୍ୟମରେ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଥାନା ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରାଯାଉଛି।

# ଲକ୍ଷେ ୬୦ ହଜାର ଟଙ୍କା ଲୁଟ୍

ବଆଁରପାଳ,୧୯।୭(ଉପେନ୍ଦ୍ର ରାଉତ)

ନାଲ୍‌କୋ ଥାନା କାଣ୍ଡସର ଷ୍ଟେଟ ବ୍ୟାଙ୍କ ନିକଟରୁ ବୁଧବାର ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ନାଲକୋ ଅଞ୍ଚଳର ରାମଚନ୍ଦ୍ର ଓରାମ ଅପରାହ୍ନ ୩ଟା ସମୟରେ କାଣ୍ଡସର ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ଚାଲି ଚାଲି ଘରକୁ ଫେରିଥିଲେ। ତାଙ୍କ ସହିତ ଭ୍ରାଇଁ ଉଦ୍ଧବ ଓରାମ ଥିଲେ। ତେବେ ବ୍ୟାଙ୍କ ନିକଟରୁ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ରାମଚନ୍ଦ୍ରଙ୍କ ଠାରୁ ଟଙ୍କା ବ୍ୟାଗ ଛଡାଇ ନେଇଥିଲେ। ଏ ନେଇ ସନ୍ଧ୍ୟାରେ ରାମଚନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୨୯ /୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଧର୍ମାନୁଷ୍ଠାନର ଉନ୍ନତୀକରଣ ପାଇଁ ୪.୯ କୋଟି

ପାଲଲହଡା,୧୯।୭(ଦିବ୍ୟଜ୍ୟୋତି ଦାଶ)

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗତ ୧୧ ତାରିଖ ପାଲଲହଡା ନିର୍ବାଚନମଣ୍ଡଳୀ ଗସ୍ତର ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପାଲଲହଡାର ବିକାଶ ପାଇଁ ୪.୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପାଲଲହଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ଥିବା ଜଗନ୍ନାଥ ମନ୍ଦିରର ଉନ୍ନତୀକରଣକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ସମସ୍ତ ମଠ, ମନ୍ଦିର ଓ ମସ୍‌ଜିଦର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସତନ୍ତ୍ର ସହାୟତା ଯୋଜନାରେ ଏହି ଅର୍ଥ ଯୋଗାଇ ଦିଆଯାଇଛି। ସେହିପରି ନୂତନ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମବାସୀଙ୍କ ସହମତିରେ ଅନ୍ୟାନ୍ୟ ମଠ, ମନ୍ଦିର, ମସ୍‌ଜିଦ ବା ଗୋଷ୍ଠୀକେନ୍ଦ୍ର ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଏ ନେଇ ପାଲଲହଡା ବିଜୁ ଜନତା ଦଳ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଦିଆଯିବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ପାଲଲହଡା ଅଞ୍ଚଳବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଅନୁଦାନ ପ୍ରଦାନ କରିଥିବାରୁ ବିଧାୟକ ମୁକେଶ କୁମାର ପାଲ ଅଞ୍ଚଳବାସୀଙ୍କ ପକ୍ଷରୁ ଏହି କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବିଜୁ ଜନତା ଦଳ ଜିଲା ଉପସଭାପତି ଲକ୍ଷ୍ମୀଧର ବିଶାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ ଏବଂ ପାଲଲହଡା ବ୍ଲକ ସଭାପତି ଗଙ୍ଗାଧର ଜିତ, ସମସ୍ତ ପଞ୍ଚାୟତର ବିଜେଡି ସଭାପତି ଏବଂ ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ।


ବିଧାୟକ ମୁକେଶ କୁମାର ପାଲ ମଞ୍ଜୁର ହୋଇଥିବା ଅନୁଦାନ ସମ୍ପର୍କରେ ସୂଚନା ଦେଉଛନ୍ତି।

# କେନ୍ଦ୍ର ସରକାରଙ୍କ ସଫଳତାର ପ୍ରଚାର କର

**ଭାଜପା ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତାଙ୍କ ବୈଠକ**

ଅନୁଗୋଳ,(ଅମିତ କୁମାର ସାମଲ)/ ପାଲଲହଡ଼ା,୧୯।୭ (ଦିବ୍ୟଜ୍ୟୋତି ଦାଶ)

କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ୯ ବର୍ଷ ଶାସନର ସଫଳତାକୁ ସାମାଜିକ ଗଣମାଧ୍ୟମରେ ସ୍ଥାନିତ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ। ଲୋକ ସଭା ପ୍ରବାସ ଯୋଜନାରେ ମହା ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ୨ଦିନିଆ ଅନୁଗୋଳ ଓ ଢେଙ୍କାନାଳ ଜିଲା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ରାୟ ବୁଧବାର ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକରେ ଯୋଗଦେଇ ଏହି ଆହ୍ୱାନ ଦେଇଛନ୍ତି।

ଭାଜପା ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅନୁଗୋଳ ଜିଲାକୁ ମୋଦି ସରକାର ୯ ବର୍ଷରେ ୬୦ ହଜାର କୋଟି ଟଙ୍କା ବିଭିନ୍ନ ଯୋଜନାରେ ପ୍ରଦାନ କରିଛନ୍ତି। ରାଜପଥ, ରେଳପଥ, ନୂତନ ପ୍ଲାଣ୍ଟ ପ୍ରତିଷ୍ଠା ଆଦିସବୁ କ୍ଷେତ୍ରରେ ଅନୁଗୋଳ ଜିଲାକୁ ଗୁରୁତ୍ୱ ଦେଇଛନ୍ତି। ମୋଦି ସରକାର ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ଯେଉଁସବୁ କାର୍ଯ୍ୟ ଅନୁଗୋଳରେ ହୋଇଛି ତାହାକୁ ଲୋକଲୋଚନକୁ ଆଣିବାକୁ ସାମାଜିକ ଗଣମାଧ୍ୟମର କାର୍ଯ୍ୟକର୍ତ୍ତା ସଦାସର୍ବଦା ପ୍ରୟାସ ଜାରି ରଖନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ରାୟ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଭାଜପାର ବରିଷ୍ଠ ନେତା ପୁଲିନ ବିହାରୀ ନାୟକଙ୍କ ଅକାଳ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୀରବ ପ୍ରାଥନା କରିଥିଲେ। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ବିସ୍ତାରକ ଅମୃତ ରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରତିମା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଭାଜପା ସାମାଜିକ ଗଣମାଧ୍ୟମର ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ। ସେହିପରି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ରାୟ ପାଲଲହଡା ନିର୍ବାଚନ ମଣ୍ଡଳୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶରତଚନ୍ଦ୍ର କ୍ଲବ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା କିଭଳି ଲୋକ ଜାଣିବେ ଓ ତାହାର ସୁବିଧା ପାଇପାରିବେ ସେ ବିଷୟରେ କର୍ମୀ ଏବଂ କର୍ମକର୍ତ୍ତା ମାନଙ୍କୁ ବୁଝାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତିଙ୍କ ସମେତ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ଉପସଭାପତି ଲିଙ୍ଗରାଜ ଦାସ, ଦିଲେଶର ପ୍ରଧାନ, ପଞ୍ଚାନନ ସାହୁ, ଧର୍ମେନ୍ଦ୍ର ସାହୁ, ଗୌର ପ୍ରଧାନ, ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ସମିତି ସଭ୍ୟା ଗୁରୁବାରୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା କର୍ମକର୍ତ୍ତାମାନେ।

